୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ
Vol.26 . No.256 Bhubaneswar Saturday November 23 2024 ୨୬ତମ ବର୍ଷ ସଂଖ୍ୟା–୨୫୬ ଭୁବନେଶ୍ୱର, ଶନିବାର, ନଭେମ୍ବର ୨୩, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ଆଦାନୀ ଲାଂଚ୍ ଅଭିଯୋଗ ମାମଲା: ଓଡିଶାରେ କଂଗ୍ରେସ-ବିଜେଡି ମୁହାଁମୁହିଁ, ମାପିଚୁପି ମତ ରଖିଲା ବିଜେପି

ଭୁବନେଶ୍ୱର,୨୨।୧୧(ପି.ଏନ): ଆଦାନୀ ଗ୍ରୀନ୍ କମ୍ପାନୀ ବିରୁଦ୍ଧରେ ଆମେରିକା କୋର୍ଟରେ ଲାଂଚ୍ କାରବାର ଅଭିଯୋଗ ମାମଲାକୁ ନେଇ ଓଡିଶା ରାଜନୀତି ସରଗରମ ହୋଇଛି । ରାଜ୍ୟରେ କଂଗ୍ରେସ ଏହି ମାମଲାରେ ସିଧାସଳଖ ତତକାଳୀନ ବିଜେଡି ସରକାରକୁ ଦାୟୀ କରି ସିବିଆଇ ତଦନ୍ତ ଦାବି କରିଥିବାବେଳେ ବିଜେଡି ଏହି ଅଭିଯୋଗ ଭିତ୍ତିହୀନ ଓ ଅସତ୍ୟ ବୋଲି କହିଛି । ଆଉ ରାଜ୍ୟରେ କ୍ଷମତାସୀନ ବିଜେପି ମାପିଚୁପି ବୟାନ ରଖି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ କୌଣସି ମନ୍ତବ୍ୟ ଦେବା ଠିକ୍ ନୁହେଁ ବୋଲି କହିଛି । ୫୦୦ ମେଗାୱାଟ ସୌର ବିଦ୍ୟୁତ କ୍ରୟକୁ ନେଇ ଭାରତ ସରକାରଙ୍କ ଉଦ୍ୟୋଗ 'ସୋଲାର ଏନର୍ଜି କର୍ପ ?।ରେସନ୍ ଅଫ ଇଣ୍ଡିଆ(ଏସଇସିଆଇ) ସହ ଓଡିଶା ସରକାରଙ୍କ ଉଦ୍ୟୋଗ ଗ୍ରୀଡକୋ ୨୦୨୧ ମସିହାରେ ସ୍ୱାକ୍ଷରିତ ଏମଓୟୁ ପାଇଁ ଓଡିଶା ସରକାରୀ କଳକୁ ପ୍ରଭାବିତ ନିମନ୍ତେ ଲାଂଚ୍ କାରବାର ହୋଇଥିବା ନେଇ ଆଦାନୀ ଗ୍ରୀନ୍ କମ୍ପାନୀର ଆଭ୍ୟନ୍ତରୀଣ ରିପୋର୍ଟରେ ଉଲ୍ଲେଖ ଥିବା ଅଭିଯୋଗ ହୋଇଛି ।ଆମେରିକା କୋର୍ଟରେ ୟୁଏସ୍ ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନ ଦ୍ୱାରା ଆଦାନୀ ଗ୍ରୀନ୍ ବିରୁଦ୍ଧରେ ଲାଂଚ୍ କାରବାର ନେଇ ଦାଏର ଦସ୍ତାବିଜ



ସାର୍ବଜନୀନ ହେବାପରେ ଓଡିଶାରେ ରାଜନୀତିକ ଉଷ୍ମତା ବୃଦ୍ଧି ପାଇଛି । ରାଜ୍ୟରେ କ୍ଷମତାସୀନ ବିଜେପି ଏହି ଘଟଣାରେ ମାପିଚୁପି ବୟାନ ଦେଇଛି । ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସାମ୍ବାଦିକଙ୍କୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ କୌଣସି ମନ୍ତବ୍ୟ ରଖିବା ଠିକ୍ ହେବନି । ଯଦି ସେଭଳି କିଛି ହୋଇଥିବ, ତା'ର ତଦନ୍ତ ଉପଯୁକ୍ତ ଏଜେନ୍ସୀ କରିବେ । ଯେଉଁମାନଙ୍କ ସମ୍ପୃକ୍ତି ଥିବ ତଦନ୍ତ ହେଲାପରେ ସ୍ପଷ୍ଟ ହେବ ।ତେବେ ମୁଖ୍ୟବିରୋଧୀ ଦଳ ବିଜେଡି ଏହି ଆଦାନୀ ଲାଂଚ୍ ଅଭିଯୋଗ ମାମଲାରେ 'ଠାକୁର ଘରେ କିଏ ନା ମୁଁ କଦଳୀ ଖାଇନି' ଭଳି ଏକ ପ୍ରେସ୍ ରିଲିଜ୍ ଜାରି କରି ଓଡିଶା ସଂକ୍ରାନ୍ତରେ ଏଭଳି ଅଭିଯୋଗକୁ ଭିତ୍ତିହୀନ ଓ ଅସତ୍ୟ ବୋଲି କହିଛି । ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବଙ୍କ ଦସ୍ତଖତରେ ଜାରି ପ୍ରେସ୍ ରିଲିଜରେ ବିଜେଡି କହିଛି ଯେ,୨୦୨୧ ମସିହାରେ କେନ୍ଦ୍ର ସରକାରଙ୍କ ମିନି ନବରତ୍ନ ଉଦ୍ୟୋଗ ଏସଇସିଆଇ ଓ ଓଡିଶା ସରକାରଙ୍କ ଗ୍ରୀଡକୋ ମଧ୍ୟରେ ଅକ୍ଷୟଶକ୍ତି କ୍ରୟ ପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା । ଏହା କେନ୍ଦ୍ର ସରକାରଙ୍କ ସୋଲାର ଉତ୍ପାଦନ ସ୍କିମ୍ ସହ ଜଡିତ । ଏହା ଦୁଇ ସରକାରୀ ସଂସ୍ଥା ମଧ୍ୟରେ ସର୍ବନିମ୍ନ ଦରରେ ୫୦୦ମେଗାୱାଟ ବିଦ୍ୟୁତ କ୍ରୟ ପାଇଁ ଚୁକ୍ତି ହୋଇଥିଲା । ଏଥିରେ ଆଦାନୀ ଗ୍ରୁପ୍ ସମେତ ଅନ୍ୟ କୌଣସି ଘରୋଇ ପକ୍ଷ ସାମିଲ ନଥିଲେ । ଏପରିକି ନିଜର ଅକ୍ଷୟଶକ୍ତି ପ୍ରତିବଦ୍ଧତାକୁ ପୂରଣ ପାଇଁ ୨୦୧୧ ମସିହା ପରଠୁ କେନ୍ଦ୍ର ସରକାରଙ୍କ ଉଦ୍ୟୋଗଗୁଡିକରୁ ଓଡିଶା ବିଦ୍ୟୁତ କ୍ରୟ କରୁଛି । ତେଣୁ ଓଡିଶା ସଂକ୍ରାନ୍ତରେ ଏଭଳି ଅଭିଯୋଗ ଭିତ୍ତିହୀନ ଓ ଅସତ୍ୟ ବୋଲି ଶ୍ରୀ ଦେବ କହିଛନ୍ତି ।

## ଅଡୁଆରେ ବବି ଭାଇ, ଭବ ପ୍ରକାଶ ଦାସଙ୍କ ନାଁରେ ଏତଲା

ଭୁବନେଶ୍ୱର,୨୨।୧୧(ପି.ଏନ): ବବିଙ୍କ ପିଛା ଛାଡୁନି ବିବାଦ । ବବି ଦାସଙ୍କ ଭାଇଙ୍କ ନାଁରେ ଏତଲା ଦିଆଯାଇଥିବା ଖବର ସାମ୍ନାକୁ ଆସିଛି । ହାଟରେ ଜଣେ ବ୍ୟବସାୟୀଙ୍କୁ ଧମକ ଦେବା ଅଭିଯୋଗରେ ତାଙ୍କ ନାଁରେ ଏତଲା ଦିଆଯାଇଛି । ବ୍ୟବସାୟୀ ଜଣକ ଭବ ପ୍ରକାଶ ଦାସଙ୍କ ନାଁରେ ଏତଲା ଦେଇଛନ୍ତି । କେବେଳ ଧମକ ନୁହେଁ ଟଙ୍କା ଛଡେଇ ନେଇଥିବା ମଧ୍ୟ ଅଭିଯୋଗ ହୋଇଛି । ଏନେଇ ସେ ଏତଲାରେ ମଧ୍ୟ ଦର୍ଶାଇଛନ୍ତି । ଇଘଝ ୧୧୫(୨),୨୯୬,୩(୫), ୩୦୩(୨) ଓ ୩୨୪(୪)ରେ ମାମଲା ହୋଇଛି ।ସୂଚନା ଅନୁସାରେ, ହାଟକୁ ନେଇ ସ୍ଥାନାନ୍ତରଣକୁ ନେଇ କିଛି ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ । ଏହି ସମୟରେ ଜଣେ ବ୍ୟକ୍ତି ଝୁଡି ଧରି ମାର୍କେଟକୁ ଯାଇଥିଲେ । ଏହି ସମୟରେ ବବି ଦାସଙ୍କ ପୁଅ ଏବଂ ତାଙ୍କର କିଛି ସମର୍ଥକ ବ୍ୟବସାୟୀଙ୍କୁ ଧମକ ଦେଇଥିଲେ । କେବଳ ଏତିକି ନୁହେଁ ତାଙ୍କ ଝୁଡିରେ ରହିଥିବା କିଛି ଟଙ୍କା ମଧ୍ୟ ସେ ଛଡାଇ ନେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ଝୁଡିରେ ୧୦ ହଜାର ଟଙ୍କାର ପରିବା ରହିଥିବା ବେଳେ ତାକୁ ମଧ୍ୟ ନଷ୍ଟ କରିଦେଇଥିବା ଖବର ସାମ୍ନାକୁ ଆସୁଛି । ତେବେ ଏହି ଘଟଣାକୁ ନେଇ ତାଙ୍କ ଅଡୁଆ ବୃଦ୍ଧି ପାଇପାରେ ବୋଲି ଚର୍ଚ୍ଚା ହେଉଛି । ତେବେ ଏନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି ବବି ଦାସ ।

## ରାଜ୍ୟ କର୍ମଚାରୀଙ୍କୁ ପୂର୍ଣ୍ଣାଙ୍ଗ ପେନସନ୍ ମିଳିବାରେ ବିଳମ୍ବ: ମୁଖ୍ୟ ସଚିବ କ୍ଷୁବ୍ଧ, ମାଗିଲେ ମାସିକିଆ ରିପୋର୍ଟ

ଭୁବନେଶ୍ୱର,୨୨।୧୧(ପି.ଏନ): ରାଜ୍ୟ ସରକାରୀ କର୍ମଚାରୀଙ୍କୁ ଅବସର ଗ୍ରହଣ ଦିନ ହିଁ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ କରିବାରେ ବିଭାଗଗୁଡିକ ଟାଳଟୁଳ ନୀତି ଆପଣାଉଥିବାରୁ ମୁଖ୍ୟ ସଚିବ ମନୋଜ ଆହୁଜା ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହାସହିତ ପ୍ରତ୍ୟେକ ମାସର ୭ତାରିଖ ସୁଦ୍ଧା କେଉଁ ଅବସର ନେଉଥିବା ସରକାରୀ କର୍ମଚାରୀଙ୍କୁ ଅବସର ଦିନ ପୂର୍ଣ୍ଣାଙ୍ଗ ପେନସନ୍ ମିଳିଛି କି ନାହିଁ ତା'ର ମାସିକିଆ ରିପୋର୍ଟ ସାଧାରଣ ପ୍ରଶାସନ ବିଭାଗକୁ ପଠାଇବାକୁ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ମାନବିକତା ତଥା ଉତ୍ତମ ପ୍ରଶାସନ ଦୃଷ୍ଟିକୋଣରୁ ଅବସର ଦିନ ସମସ୍ତ ଅବସରପ୍ରାପ୍ତ ଯୋଗ୍ୟ କର୍ମଚାରୀଙ୍କୁ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନକୁ ସୁନିଶ୍ଚିତ କରିବା ବିଭାଗୀୟ ଅଫିସରମାନଙ୍କ ଦକ୍ଷତାର ମାପକାଠିର ପରିଚାୟକ ବୋଲି ମୁଖ୍ୟ ସଚିବ ଶ୍ରୀ ଆହୁଜା କହିଛନ୍ତି ।ମୁଖ୍ୟ ସଚିବ ଶ୍ରୀ ଆହୁଜା ଆଜି ରାଜ୍ୟର ସମସ୍ତ ବିଭାଗୀୟ ସଚିବମାନଙ୍କୁ ଚିଠି ଲେଖି ସରକାରୀ କର୍ମଚାରୀଙ୍କୁ ଅବସର ଗ୍ରହଣ ଦିନ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ ସଂକ୍ରାନ୍ତରେ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରାଯାଉନଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଅବସର ଦିନ ହିଁ ପୂର୍ଣ୍ଣାଙ୍ଗ ପେନସନ୍ କର୍ମଚାରୀଙ୍କୁ ଦେବା ପାଇଁ ସାଧାରଣ ପ୍ରଶାସନ ବିଭାଗ ୨୦୧୯ ଡିସେମ୍ବର ୧୨ତାରିଖରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ବିଭାଗଗୁଡିକ ସଠିକ୍ ଭାବେ ଏହାକୁ ପାଳନ କରୁନଥିବା ତାଙ୍କ ଦୃଷ୍ଟିକୁ ଆସିଛି ବୋଲି କହିଛନ୍ତି । ତେଣୁ ଓଡିଶା ସିଭିଲ୍ ସର୍ଭିସ ପେନସନ୍ ନିୟମ-୧୯୯୨ ଓ ସାଧାରଣ ପ୍ରଶାସନ ବିଭାଗର ୨୦୧୯ ଡିସେମ୍ବର ୧୨ତାରିଖର ଚିଠି ଅନୁସାରେ ସମସ୍ତ ଯୋଗ୍ୟ ସରକାରୀ କର୍ମଚାରୀଙ୍କୁ ସେମାନଙ୍କର ଅବସର ଦିନ ହିଁ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ ନିମନ୍ତେ ନିଜ ବିଭାଗ ଅଧିନସ୍ଥ ସମସ୍ତ ବିଭାଗୀୟ ମୁଖ୍ୟ ଓ ପେନସନ୍ ମଞ୍ଜୁରକାରୀ ଅଫିସରଙ୍କୁ ପୁନଃ ଅବଗତ କରାଇବାକୁ ଶ୍ରୀ ଆହୁଜା କହିଛନ୍ତି ।

## ଜାତୀୟ ଶିକ୍ଷାପଦ୍ଧତି ଅନୁଯାୟୀ ଯୁକ୍ତଦୁଇ ମୂଲ୍ୟାୟନ, ୨୪ ପ୍ରତିଶତ ମାର୍କରେ ପାସ୍

ଭୁବନେଶ୍ୱର,୨୨।୧୧(ପି.ଏନ): ଚଳିତ ବର୍ଷ ଯୁକ୍ତ୨ ବୋର୍ଡ ପରୀକ୍ଷା ମାର୍କିଂ ଢାଞ୍ଚାରେ ପରିବର୍ତ୍ତନ କରାଯିବ। ଏନେଇ ସୂଚନା ଦେଇଛନ୍ତି ସିଏଚ୍ଏସଇ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା । ତାଙ୍କ ସୂଚନା ଅନୁଯାୟୀ, ଏଥର ଜାତୀୟ ଶିକ୍ଷା ପଦ୍ଧତି ଅନୁଯାୟୀ ୮୦ ମାର୍କର ଥିଓରୀ ଓ ୨୦ ମାର୍କର ଆସେସମେଣ୍ଟ ପରୀକ୍ଷା ଦେବେ ଯୁକ୍ତ ଦୁଇ ପରୀକ୍ଷାର୍ଥୀ। ପ୍ରଥମ ଥର ପାଇଁ ବୋର୍ଡ ପରୀକ୍ଷାରେ ଆସେସମେଣ୍ଟ ପରୀକ୍ଷା ଦେବେ ଯୁକ୍ତ୨ ଛାତ୍ରଛାତ୍ରୀ। ୨୦ ମାର୍କର ଦେବେ ଆସେସମେଣ୍ଟ ପରୀକ୍ଷା। ଉଭୟ ଆସେସମେଣ୍ଟ ଓ ଥିଓରୀ ପରୀକ୍ଷାକୁ ମିଶାଇ ୧୦୦ ମାର୍କର ପରୀକ୍ଷା ଦେବେ ସେମାନେ। ୧୦୦ ରୁ ୨୪ ମାର୍କ ରଖିଲେ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ପାସ୍ କରିବେ ।ପିଲାଙ୍କୁ ବୋର୍ଡ ପରୀକ୍ଷା ଚାପ କମାଇବା ଓ ଭଲ ନମ୍ବର ସ୍କ ?ର୍ କରିବା ପାଇଁ ନେସନାଲ ଢାଞ୍ଚାରେ ପରୀକ୍ଷା କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ମାର୍କିଙ୍ଗ ଢାଞ୍ଚା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ପିଲାମାନେ ବୋର୍ଡରେ ଭଲ ନମ୍ବର ରଖି ପାରୁନଥିଲେ । ଏଣୁ ପିଲାଙ୍କ ସୁବିଧା ପାଇଁ ନୂଆ ଢାଞ୍ଚାରେ ଚଳିତ ଥର ମାର୍କ ଦିଆଯିବ । ଏନେଇ ସୂଚନା ଦେଇଛନ୍ତି ସିଏଚ୍ଏସଇ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା

## ରାଜ୍ୟ କର୍ମଚାରୀଙ୍କୁ ପୂର୍ଣ୍ଣାଙ୍ଗ ପେନସନ୍ ମିଳିବାରେ ବିଳମ୍ବ: ମୁଖ୍ୟ ସଚିବ କ୍ଷୁବ୍ଧ, ମାଗିଲେ ମାସିକିଆ ରିପୋର୍ଟ

ଭୁବନେଶ୍ୱର,୨୨।୧୧(ପି.ଏନ): ରାଜ୍ୟ ସରକାରୀ କର୍ମଚାରୀଙ୍କୁ ଅବସର ଗ୍ରହଣ ଦିନ ହିଁ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ କରିବାରେ ବିଭାଗଗୁଡିକ ଟାଳଟୁଳ ନୀତି ଆପଣାଉଥିବାରୁ ମୁଖ୍ୟ ସଚିବ ମନୋଜ ଆହୁଜା ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହାସହିତ ପ୍ରତ୍ୟେକ ମାସର ୭ତାରିଖ ସୁଦ୍ଧା କେଉଁ ଅବସର ନେଉଥିବା ସରକାରୀ କର୍ମଚାରୀଙ୍କୁ ଅବସର ଦିନ ପୂର୍ଣ୍ଣାଙ୍ଗ ପେନସନ୍ ମିଳିଛି କି ନାହିଁ ତା'ର ମାସିକିଆ ରିପୋର୍ଟ ସାଧାରଣ ପ୍ରଶାସନ ବିଭାଗକୁ ପଠାଇବାକୁ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ମାନବିକତା ତଥା ଉତ୍ତମ ପ୍ରଶାସନ ଦୃଷ୍ଟିକୋଣରୁ ଅବସର ଦିନ ସମସ୍ତ ଅବସରପ୍ରାପ୍ତ ଯୋଗ୍ୟ କର୍ମଚାରୀଙ୍କୁ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନକୁ ସୁନିଶ୍ଚିତ କରିବା ବିଭାଗୀୟ ଅଫିସରମାନଙ୍କ ଦକ୍ଷତାର ମାପକାଠିର ପରିଚାୟକ ବୋଲି ମୁଖ୍ୟ ସଚିବ ଶ୍ରୀ ଆହୁଜା କହିଛନ୍ତି । ମୁଖ୍ୟ ସଚିବ ଶ୍ରୀ ଆହୁଜା ଆଜି ରାଜ୍ୟର ସମସ୍ତ ବିଭାଗୀୟ ସଚିବମାନଙ୍କୁ ଚିଠି ଲେଖି ସରକାରୀ କର୍ମଚାରୀଙ୍କୁ ଅବସର ଗ୍ରହଣ ଦିନ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ ସଂକ୍ରାନ୍ତରେ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରାଯାଉନଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଅବସର ଦିନ ହିଁ ପୂର୍ଣ୍ଣାଙ୍ଗ ପେନସନ୍ କର୍ମଚାରୀଙ୍କୁ ଦେବା ପାଇଁ ସାଧାରଣ ପ୍ରଶାସନ ବିଭାଗ ୨୦୧୯ ଡିସେମ୍ବର ୧୨ତାରିଖରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ବିଭାଗଗୁଡିକ ସଠିକ୍ ଭାବେ ଏହାକୁ ପାଳନ କରୁନଥିବା ତାଙ୍କ ଦୃଷ୍ଟିକୁ ଆସିଛି ବୋଲି କହିଛନ୍ତି । ତେଣୁ ଓଡିଶା ସିଭିଲ୍ ସର୍ଭିସ ପେନସନ୍ ନିୟମ-୧୯୯୨ ଓ ସାଧାରଣ ପ୍ରଶାସନ ବିଭାଗର ୨୦୧୯ ଡିସେମ୍ବର ୧୨ତାରିଖର ଚିଠି ଅନୁସାରେ ସମସ୍ତ ଯୋଗ୍ୟ ସରକାରୀ କର୍ମଚାରୀଙ୍କୁ ସେମାନଙ୍କର ଅବସର ଦିନ ହିଁ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ ନିମନ୍ତେ ନିଜ ବିଭାଗ ଅଧିନସ୍ଥ ସମସ୍ତ ବିଭାଗୀୟ ମୁଖ୍ୟ ଓ ପେନସନ୍ ମଞ୍ଜୁରକାରୀ ଅଫିସରଙ୍କୁ ପୁନଃ ଅବଗତ କରାଇବାକୁ ଶ୍ରୀ ଆହୁଜା କହିଛନ୍ତି ।



## କଂଗ୍ରେସକୁ ତାୱଡେଙ୍କ ନୋଟିସ୍

ଭୁବନେଶ୍ୱର,୨୨।୧୧(ପି.ଏନ): କଂଗ୍ରେସକୁ ଏକ ଲିଗାଲ୍ ନୋଟିସ୍ ପଠାଇଛନ୍ତି ମହାରାଷ୍ଟ୍ର ବିଜେପି ସାଧାରଣ ସମ୍ପାଦକ ବିନୋଦ ତାୱଡେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ସୁପ୍ରିୟା ଶ୍ରୀନେଟ ଏବଂ ରାହୁଲ ଗାନ୍ଧିଙ୍କୁ ଏହି ନୋଟିସ୍ ପଠାଇଛନ୍ତି। ତାଙ୍କ ବିରୁଦ୍ଧରେ ଭୋଟ୍ ପାଇଁ ଟଙ୍କା ବାଣ୍ଟିଥିବାର ମିଛ ଅଭିଯୋଗ ଆଣିବା ଉପରେ ସେ କ୍ଷମା ମାଗିବାକୁ କହିଛନ୍ତି, ନଚେତ୍ ଶହେ କୋଟି ଟଙ୍କାର ମାନହାନୀ ମାମଲାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି ତାୱଡେ ।ମଙ୍ଗଳବାର ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଭୋଟ୍ ପଡ଼ିବାର ଦିନକ ପୂର୍ବରୁ ହାଇଡ୍ରାମା ଦେଖିବାକୁ ମିଳିଥିଲା। ପାଲଘର ଜିଲ୍ଲାର ଏକ ହୋଟେଲରେ ତାୱଡେ ସ୍ଥାନୀୟ ପ୍ରାର୍ଥୀଙ୍କୁ ୫ କୋଟି ଟଙ୍କା ଦେଇଥିବା ବାହୁଜନ ବିକାଶ ଆଗାଡି (BVA) ନେତା ହିତେନ୍ଦ୍ର



ଠାକୁର ଅଭିଯୋଗ କରିଥିଲେ ।ତାୱଡେ ଏସବୁ ଟଙ୍କା ଭୋଟ୍ ପାଇଁ ବାଣ୍ଟିଥିବା ଅଭିଯୋଗ ଆଣିଥିଲେ ଠାକୁର। ଏହି ସମୟରେ କିଛି ଭିଡିଓ ଭାଇରାଲ୍ ହେବା ପରେ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ନେତା ତାୱଡେଙ୍କୁ ଘେରିଥିଲେ। ଏହାପରେ ନିର୍ବାଚନ ଆୟୋଗ ମଧ୍ୟ ତାୱଡେଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ତଦନ୍ତ କରିଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କ ବଡ ସୂଚନା: ନଭେମ୍ବର ୨୪ରେ ଆସିବ 'ସୁଭଦ୍ରା'ର ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି

ଭୁବନେଶ୍ୱର,୨୨।୧୧(ପି.ଏନ): କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା 'ସୁଭଦ୍ରା'କୁ ନେଇ ଆସିଛି ଏକ ବଡ ଅପଡେଟ୍ । ଆସନ୍ତା ୨୪ ତାରିଖରେ 'ସୁଭଦ୍ରା' ଯୋଜନାର ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି ଆସିବ । ରାଜ୍ୟରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀଙ୍କୁ ତୃତୀୟ ପର୍ଯ୍ୟାୟରେ ଏହି ଅର୍ଥରାଶି ମିଳିବ । ଏନେଇ ସମସ୍ତ ଯାଞ୍ଚ ପ୍ରକ୍ରିୟା ସମାପ୍ତ ହୋଇଛି । ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡା ଏନେଇ ଏକ ବଡ ସୂଚନା ଦେଇଛନ୍ତି । ଏଥିସହିତ ଏହି ଯୋଜନାରୁ ବାଦ୍ ପଡିଥିବା ୨.୬୭ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ସରକାର ବିଚାର କରୁଥିବା ଜଣାପଡିଛି । ଆସନ୍ତା ୨୪




ତାରିଖରେ ୨୦ ଲକ୍ଷ ମହିଳା ସୁଭଦ୍ରା ଅର୍ଥରାଶି ପାଇବେ । ଏନେଇ ସୁନ୍ଦରଗଡ ଜିଲ୍ଲାରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ସେହି ଅବସରରେ ଏହି ଟଙ୍କା ପ୍ରଦାନ କରାଯିବ । ଏହା ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ମୋଟ ୬୦ ଲକ୍ଷ ୨୭ ହଜାର ମହିଳାଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯାଇଥିଲା । ଏଥର ମିଶିଲେ ଏହି ସଂଖ୍ୟା ୮୦ ଲକ୍ଷ ଟପିଯିବ । ଡିସେମ୍ବର ସୁଦ୍ଧା ୧ କୋଟି ମହିଳାଙ୍କୁ ଏହି ଅର୍ଥ ମିଳିବ । ଦେବେ ବାଦ୍ ପଡିଥିଲା ୨.୬୭ ହିତାଧିକାରୀଙ୍କୁ ସାମିଲ ପାଇଁ ଆଜି ସନ୍ଧ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ । ବର୍ତ୍ତମାନ ସୁଦ୍ଧା ସୁଭଦ୍ରା ଆବେଦନକାରୀଙ୍କ ସଂଖ୍ୟା ୧.୧୬ କୋଟିରେ ପହଞ୍ଚିସାରିଲାଣି । ଜାନୁଆରୀ ଓ ଫେବୃଆରୀ ମାସରେ ଯେଉଁମାନେ ଆବେଦନ କରିବେ ସେମାନେ ମାର୍ଚ୍ଚ ୮ରେ ଏକସଙ୍ଗେ ଦୁଇଟି କିସ୍ତି ପାଇବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି ।

## ସାର କାରଖାନାରେ ବିସ୍ଫୋରଣ, ୩ ମୃତ

ଭୁବନେଶ୍ୱର,୨୨।୧୧(ପି.ଏନ): ମହାରାଷ୍ଟ୍ରର ସାଙ୍ଗଲି ଜିଲ୍ଲାର ଏକ ସାର କାରଖାନାରେ ବିସ୍ଫୋରଣ । ଏହି ବିସ୍ଫୋରଣରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୯ ଜଣ ଗୁରୁତର । ଗୁରୁତରଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।ସୂଚନା ଅନୁସାରେ, ଗୁରୁବାର ସନ୍ଧ୍ୟା ସମୟରେ ସାଙ୍ଗଲି କାଡେଗାଁ ତହସିଲର ଶାଲଗାଁ ଏମଆଇଡିସିର ମିଆଁମାର କେମିକାଲ୍ କମ୍ପାନୀରେ ବିସ୍ଫୋରଣ ହୋଇଥିଲା।



କାରଖାନାରେ କୌଣସି କାରଣରୁ ପ୍ରଥମେ ବିସ୍ଫୋରଣ ହେବା ପରେ ଗ୍ୟାସ୍ ଲିକ୍ ହେବା କାରଣରୁ ତିନି ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଦୁଇ ଜଣ ମହିଳାଙ୍କ ସମେତ ଜଣେ ସୁରକ୍ଷାକର୍ମୀଙ୍କ ଥିଲେ। କାରଖାନାରେ ପ୍ରଥମେ ବିସ୍ଫୋରଣ ଘଟି ଗ୍ୟାସ୍ ଲିକ୍ ହେବା କାରଣରୁ ଏହି ଅଘଟଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

KISS
KALINGA INSTITUTE OF SOCIAL SCIENCES (KISS)
Deemed to be University
Bhubaneswar-751024, Odisha, India
4th Annual CONVOCATION
23rd November, 2024
Chief Guest
The Rt. Hon. Nick Gibb
Former Minister of State for Schools & Former Member of Parliament, United Kingdom
Guests of Eminence
The Rt. Hon. Alan Gemmell OBE
Member of Parliament, United Kingdom
Dr. Jeffrey B. Liebman
Robert W. Scrivner Professor of Public Policy, Harvard Kennedy School, U.S.A.
4:00 p.m. | KISS Athletic Stadium
A Home for 80,000 Indigenous Children | Website: www.kiss.ac.in | Email: info@kiss.ac.in






# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍କୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## 'କଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।




## —'ପ୍ରହେଳିକା'—

ଓହୋ ! ଆଜି ଟିକେ ମନଟା ଶାନ୍ତି ପାଇଲା, ମୁଁ ମୋ ସ୍ୱାମୀ କୁମାରଙ୍କ ସହ ଗାଁରୁ ଫେରିଲି, ଘର ଗଳି ମୋଡରୁ ମୁଁ କାର୍ କାଚ ଖୋଲି ବାସ୍ ଚାହିଁ ରହିଥିଲି ମୋ ପାଖ ଫ୍ଲାଟଟିକୁ ଦେଖିବି। ସେଟା ଘର କମ୍, ପାର୍କ ବେଶୀ ଲାଗେ, ସେ ବଗିଚାର ରଙ୍ଗ ବେରଙ୍ଗୀ ଫୁଲ, ଗଛ, ମହ ମହ ବାସୁଥିବା ମଲ୍ଲି, ଚମ୍ପା ଆଦି ଯେମିତି ମତେ ଖତେଇ ହୁଅନ୍ତି। ହେଲେ ଆଜି ଆଠ ଦିନ ପରେ ଗାଁରୁ ଫେରି ନିଜ ଘର ଆଡେ ନଦେଖି ପାଖ ଘରକୁ ତନଖି କରି ଦେଖିଲି, ଫୁଲ ଗଛ ସବୁ ଝାଉଁଳି ପଡିଛି, ଗେଟ୍‌ରୁ ଘର ଯାଏଁ ପଡିଥିବା ଟାଇଲ୍ ସୁଖିଲା ପତ୍ରରେ ଭରା। ମତେ ଭାରି ଶାନ୍ତି ଲାଗିଲା, ମୋ ଚେହେରାର ସ୍ମିତ ହସ ଦେଖି କୁମାର ପଚାରିଲେ କ'ଣ ନିଜ ଘର ଦେଖି ଖୁସି ହଉଛ ? ମୁଁ କିନ୍ତୁ ମୋ ଖୁସିର କାରଣ ଟା କହିଲି ନାହିଁ, କାରଣ ଆଗରୁ ବହୁଥର ସେ ପାଖ ଘର କଥା କହି ମୋ ସ୍ୱାମୀଙ୍କ ଠାରୁ ପ୍ରବଚନ ଶୁଣି ସାରିଛି। ତେଣୁ ଚୁପ୍ ରହିବା ଶ୍ରେୟ ମଣିଲି।

ମୁଁ ମାନସୀ ଭୁବନେଶ୍ୱର ପୁଣି ଶହିଦନଗରରେ ତିନି ମହଲା କୋଠାର ମାଲିକାଣୀ। ମୋ ଘର ଅଗଣାରେ ବି ବହୁତ ଖାଲି ଜାଗା, ଉପର ଘର ଭଡାଟିଆ ରୁହନ୍ତି, ମୋ ପାଖ ଘରଟା ମୁଁ ଘର ତୋଳିବା ଆଗରୁ ଥିଲା। କେହି ଯିବା ଆସିବା କେବେ ଦେଖିନଥିଲି। ମୋର ଏ ଘରେ ରହିବା ପ୍ରାୟ ୧୦ ବର୍ଷ ହେଲାଣି। ପିଲାମାନେ ବଡ ହୋଇ ଯେଝା ସଂସାର ଧରି ବଡ ବମ୍ବେରେ ତ ସାନ ବାଙ୍ଗାଲୋର୍‌ରେ। ମୋ ସ୍ୱାମୀ ରିଟାୟର୍ଡ୍ ପ୍ରଶାସନିକ ଅଧିକାରୀ। ମୋ ଶାଶୁ ଘରେ ବି ମୋରି ରାଜୁତି, କାରଣ କୁମାର ବାପା ମା'ଙ୍କର ଏକମାତ୍ର ପୁଅ । ମୋର କେମିତି ବାହାଘର ହେଲା, କେତେ ଧନ ସମ୍ପତି ମୋ ବାପା ଦେଇଥିଲେ ଏ ସବୁ ମୁଁ ଆମ କାମବାଲି ମାଧ୍ୟମରେ ଆମ ପର ଆଖ ପାଖରେ ପହଂଚାଇ ଦେଇଛି। ତା'ପରେ ଲାଗେ ସମସ୍ତେ ମତେ ଖୁବ୍ ସମ୍ମାନ ଭରା ଚାହାଣୀରେ ଦେଖନ୍ତି। ପାଖ ଘରଟା ବାସ୍ ଗୋଟେ ମହଲା ଘର, ମୋର ସେ ଗଳିର ଦ୍ୱିତୀୟ ଘର, ଉତରା ପବନ ମୋ ଘରକୁ ବେସ୍ ସୁରୁ ଖୁରୁରେ ଆସେ। ହଠାତ୍ ଦିନେ ସକାଳୁ ଗୋଟେ ଟ୍ରକ୍ ଆସି ରହିଲା। ଧୁମ୍ ଧାମ୍ ଶବ୍ଦରେ ଝରକା ବାଟେ ଦେଖିଲି ସେ ପାଖ ଘରେ ଲୋକ ଆସିଛନ୍ତି ରହିବାକୁ। ସନ୍ଧ୍ୟା ଯାଏଁ ଘରେ ଲୋକ ଯିବା ଆସିବା ଲାଗିଥିଲା ସେ ଘରକୁ। ମନେମନେ ସ୍ଥିର କଲି କାଲି ଯାଇ ସେ ଘରେ କିଏ ରହିଲେ, ସବୁ ବୁଝିବି, ମୋ ଘର କାମବାଲି ଟିକେ ଡେରିରେ ଆସେ। ସେ ଆସିଲେ ତାକୁ ପଠେଇ ସେ ଘର ଲୋକ ଭଡାଟିଆ ନା ନିଜେ ମାଲିକ ବୁଝିନେବି, ଏମିତି ଭାବୁ ଭାବୁ ଚା' କରୁଥିଲି, ରୋଷେଇ ଘର ଝରକା ବାଟେ ଦେଖିଲି ସେ ଘର ଗେଟ୍ ଖୋଲି ଗୋଟେ ମଧ୍ୟ ବୟସ୍କା... ନା' ବୋଧେ ତିରିଷ କି ବତିଷ ବର୍ଷର ବେଶ୍ ଡେଙ୍ଗା, ଗୋରା, ସ୍ତ୍ରୀ ଲୋକଟିଏ କାନ୍ଧରେ ଭ୍ୟାନିଟ୍ ବ୍ୟାଗ ପକାଇ ମୋ ଘର ଆଗଦେଇ ଚାଲିଗଲା। ମୋର ଏଡେ ବଡ ସୁନ୍ଦର ଘର ଆଡେ ଟିକେ ଅନେଇଲାନି ମଧ୍ୟ। ଛାଡ କାମବାଲି ଆସୁ, ସବୁ ଖବର ବୁଝିବି। ବେଶ୍ କିଛି ସମୟ ପରେ ଛବି (ମୋ କାମବାଲି) ଆସିଲା, ସେ ଆସୁ ଆସୁ ତାକୁ ପଠେଇଲି ଯା ପାଖ ଘରେ ବୁଝି ଆସିବୁ କିଏ ରହିଲେ, କ'ଣ କରନ୍ତି ଇତ୍ୟାଦି। ସେ ବି ଖୁବ୍ ଆଗ୍ରହରେ ଗୋଟେ ନୂଆ ଘରେ କାମ ପାଇବା ଆଶାରେ ଚାଲିଲା ତାଙ୍କ ଘର ଆଡେ। ହେଲେ ଦୁଇ ମିନିଟ୍‌ରେ ଫେରି ଆସି କହିଲା ମା' ଘରେ ତ ତାଲା ପଡିଛି, ଆଉ ଗେଟ୍‌ରେ ନାମଫଳକ ବି ନାହିଁ ବାସ୍ ଲେଖା ହୋଇଛି "ଶହିଦ୍ ଭବନ"। ଶୁଣୁ ଶୁଣୁ ମୋ ପାଟିରୁ ବାହାରିଲା ଏ କି ନାମ ! ମୋ ଘର ନାମ "ସ୍ୱାତୀ ନିଳୟ", ମୋ ଶାଶୁଙ୍କ ନା। ଆଉ ଏ କି ଲୋକ ଯେ ଏମିତି ଗୋଟେ ଅପଦସିଆ ନାଁ ଦେଇଛନ୍ତି କେଜାଣି। ଦିନସାରା ମୋର ଟିଭି ସିରିଏଲ, ୟୁ ଟ୍ୟୁବ୍‌ରେ କଟିଲା। ଯେମିତି ପାଂଚ ବାଜିଲା ମୁଁ ମୋ ଘର ବାରଣ୍ଡାରେ ଲାଗିଥିବା ଦୋଳାୟମାନ ଚେୟାରରେ ଆସି ବସି ପଡିଲି। ସେ ପାଖ ଘର ମହିଳା ବୋଧେ କର୍ମଜୀବି, ସେ ଫେରିଲେ ନିଶ୍ଚୟ ମୋର ଏ ବିଶାଳ ଅଟାଳିକା ଆଡେ ଚାହିଁବେ, ଆଉ ମୁଁ ମୌକା ଦେଖି ତା ନାଁ -ଗାଁ ସବୁ ବୁଝିନେବି, ସନ୍ଧ୍ୟା ଗଡିଲାଣି ହେଲେ ସେ ମହିଳାର ଦେଖାନାହିଁ। ବାସ୍ ଉଠି ଘର ଆଡେ ମୁହାଁଇଲା ବେଳକୁ ସେ ମୋ ଗେଟ୍ ସିଧାରେ, ମୁଁ ବାସ୍ ତାକୁ ଚାହିଁ ରହିଲି କି ସେ ମୋ ଘର ଆଡେ ଚାହିଁଲେ ମୁଁ ଗୋଟେ ହସ ଦେବି ଯେ, ସେ ବଳେ ଠିଆ ହେଇ ନମସ୍କାର କରି ଆପେ ଆପେ ତା' ପରିଚୟ ଦେଇ ଦେବ। ହୁଏତ ମୋ ଠାରୁ କିଛି ଟିପ୍‌ସ ନେଇ ପାରେ। ହେଲେ ସେମିତି କିଛି ହେଲାନି, ସେ ନିର୍ବିକାର ଭାବେ ତା' ଘର ଭିତରକୁ ଚାଲିଗଲା, ମୁଁ ମନେ ମନେ କହିଲି କି ଗର୍ବି ସ୍ତ୍ରୀ ଲୋକଟା, ହାତରେ ଚୁଡି ନାହିଁ କି ମଥାରେ ସିନ୍ଦୁର ନାହିଁ, ବୋଧେ ଅଭିଆଡିଟେ। ହଉ କାଲି ଛବି ଆସୁ ! ମୁଁ ମୋ ଘର କାମରେ ଲାଗିଲି, ତା' ପରେ ମୋ ଚିରା ଚରିତ ସିରିୟଲ ଦେଖା। କୁମାର କ୍ଲବ ଯାଇଥିଲେ, ଫେରୁ ଫେରୁ କହିଲେ ଦେଖିଲଣି ମାନସୀ ପାଖ ଘର ଆଗରେ ଟ୍ରଲି ରିକ୍ସାରେ କେତେ ଫୁଲ କୁଣ୍ଡ, ଗଛ ଚାରା ! ମୁଁ ବି ଝରକା ପାଖକୁ ଯାଇ ଦେଖିଲି, ସେ ସ୍ତ୍ରୀ ଲୋକଟି ଚୁଡିଦାର କମିଜ୍‌ଟେ ପିନ୍ଧି ଘର ବାରଣ୍ଡାରେ ଠିଆ ହେଇଛି, ତା' ପାଖରେ ହ୍ୱିଲ୍ ଚେୟାରରେ ଜଣେ ବୟସ୍କ ପୁରୁଷ, ମନେ ମନେ ଭାବିଲି ବାପ-ଝିଅ ହେଇଥିବେ, ହେଲେ ଏତେ ଗୁଡେ ଲାଇଟ୍ କ'ଣ ଲଗେଇଛନ୍ତି ପୁରା ରାସ୍ତା ଯାଏଁ ଆଲୁଅ ପଡୁଛି ! ମୁଁ ତ ପୁରା ଏ ମାମଲାରେ ସିରିୟସ୍। ଯେତିକି କମ୍ ଲାଇଟ୍-ଫ୍ୟାନ ଓ ଟେମ୍ପରେଚର ୪୦ ଡିଗ୍ରୀ ନ ଟପିବା ଯାଏଁ ଏସି ବି ଲଗାଏନି। ସେମିତି ତାଗିଦ୍ ବି ଭଡାଟିଆଙ୍କୁ କରିଛି। ନା' ଲାଇଟ୍ ବାବଦରେ ନୁହେଁ, ସେମାନେ ବିଲ୍ ଦଉଛନ୍ତି, ଜାଳନ୍ତୁ କେତେ ଜାଳିବେ। ପାଣି କିନ୍ତୁ ଦେଖି ଚାହିଁ ଖର୍ଚ୍ଚ କରିବେ କାରଣ ପାଣିଟା ମାଗଣା ଦେବା ଲାଗି ଚୁକ୍ତି କରିଛି ପରା। ହେଲେ ଏ ପାଖ ଘର "ଶହିଦ୍ ଭବନ" ବାଲା କ'ଣ ପାଗଳ କି ? ଏତେ ଲାଇଟ୍, ପୁଣି ଏତେ ଗଛ ଯଦି ଲଗେଇବେ କେତେ ପାଣି ସାରିବେ, ହଉ ତାଙ୍କର ବିଲ୍ ଉଠିବ ମୋର କ'ଣ ଅଛି। ମୁହଁକୁ ବୁଲେଇ ରାତି ଖାଇବା ଲାଗି ବସିଲୁ। କୁମାର ଥଟ୍ଟା କରି କହିଲେ କ'ଣ ପାଖ ଘର ଲୋକେ ତମ ପ୍ରତିପତି ଜାଣିଲେଣି ନା ନାହିଁ ? ମୁଁ ବିରକ୍ତ ହେଇ ଚୁପ୍ ହିଁ ରହିଲି। ଏମିତି ତା' ପରଦିନ ଛବିକୁ ପଠାଇଲି, ସେ ଘର ବିଷୟରେ ବିସ୍ତୃତ ବିବରଣୀ ଆଣିବା ସହ ମୋ ବିଷୟରେ ଟିକେ କହିବ ବୋଲି। ସେ ବେଶ୍ ଅଧ ଘଂଟା ପରେ ଫେରିଲା, ହସ ହସ ମୁହଁରେ କହିଲା ମା' ସେ ଘର ଦିଦି ବହୁତ ଭଲ। ମତେ ଚୌକିରେ ବସିବାକୁ ଦେଲେ, କଫି ବି ଦେଲେ। କାମ କଥା ମନା କଲେ କିନ୍ତୁ କହିଲେ ବଗିଚା କାମରେ ଟିକେ ସାହାଯ୍ୟ କରିବ କି ? ମୁଁ ହଁ କହିଲି, ତାଙ୍କ ବାପାଙ୍କ ଆଡେ ଚାହିଁ ପଚାରିଲେ ବାପା ଦିନ ସାରା ଘରେ ଏକଲା ଲାଗୁଛି କି ଏଠି ? କହିବେ ତ ମୁଁ ଛବି ଭଉଣୀକୁ କହି କାହାକୁ ଘରେ ସନ୍ଧ୍ୟା ଯାଏଁ ରଖିଦେବା। ବାପା ତାଙ୍କର ବି କେତେ ଭଲ, କହିଲେ ନା' ମା ତୁ ତ ସବୁ ହାତ ପାଖେ ଖଞ୍ଜି ଦେଇ ଯାଉଛୁ। ଏ ଝିଅଟି ବାସ୍ ବଗିଚା ଟିକୁ ରଙ୍ଗରେ ଭରିବାରେ ସାହାଯ୍ୟ କଲେ ବହୁତ। ମୁଁ ଅଧାରୁ ତାକୁ ଚୁପ୍ କରେଇ ଟିକେ ରୁକ୍ଷ ଗଳାରେ କହିଲି, ହେ କହ ତା' ନାଁ କ'ଣ ? ବାହା ହେଇଛି କି ନା, କି ଚାକିରୀ... ଆଉ ମୋ ବିଷୟରେ କହିଲୁ କି ନାହିଁ। ଛବିର ହସ ବନ୍ଦ ହେଇଗଲା, କହିଲା ମା' ସେ ଦିଦିର କଥା ଏତେ ସୁନ୍ଦର ଯେ, ମୁଁ ସବୁ ଭୁଲିଗଲି, ହଉ କାଲି ସନ୍ଧ୍ୟା ୫ଟାରେ ତାଙ୍କ ସହ ବଗିଚା କାମ କଲାବେଳେ ବୁଝିନେବି। ବେସ୍ ଛଅଟା ମାସରେ ସେ ବଗିଚା ଗୋଟେ ପାର୍କ ହେଇସାରିଥିଲା। ତା'ର ଖାଲି ନା'ଟି ଛବି ବୁଝିଥିଲା "ସୁଜାତା" ବାକି ସେ କୁଆଡେ କଥା ବେଶି ହୁଏନି। ଛଅ ମାସରେ ବହୁ ଚେଷ୍ଟା ସତ୍ତ୍ୱେ ସୁଜାତା ଥରେ ବି କଥା ହେଲାନି, ବାସ୍ ତାକୁ ଘରୁ ୯.୩୦ରେ ଯିବା ଓ ୫ ଟାରେ ଫେରି ସନ୍ଧ୍ୟା ୭ଟା ଯାଏଁ ବଗିଚାରେ ଦେଖେ। ରବିବାର ତ ସେ ବାପ-ଝିଅ ଦିନ ସାରା ବଗିଚା କାମରେ ଲାଗିପଡନ୍ତି। ବସନ୍ତ ଋତୁ କ'ଣ ବୋଧେ ମୁଁ ପ୍ରଥମ ଥର ଅନୁଭବ କଲି। ଛାତ ଉପରୁ ତା ବଗିଚାକୁ ଦେଖେ, କେତେ ଫୁଲ, କେତେ ରଙ୍ଗ ବେରଙ୍ଗ ଗଛ। ବାସ୍ନା ବି ଏମିତି ଖେଳେଇ ହେଇଯାଏ କି ମୋ ତିନି ମହଲା ଛାତ ଯାଏଁ ପହଚେଂ। ସେତେବେଳେ ମୁଁ ମୋ ବଗିଚାକୁ ଦେଖେ ୪ ଟା ନଡିଆ ଗଛ। ଆଉ ତା ବଗିଚାରେ ମହ ମହ ବାସ୍ନା ଓ ମୋ ଭଡାଟିଆଠାରୁ ସ୍ୱାମୀ ପର୍ଯ୍ୟନ୍ତ ତା'ର ବଗିଚାର ପ୍ରଶଂସା ମତେ ଯେମିତି କଂଟା ଫୋଡିଲା ଭଳି ଲାଗୁଥିଲା। ମନେ ମନେ କହୁଥିଲି ସୁଜାତା ନା' ରହସ୍ୟମୟୀ। ଏମିତି ଦିନେ ଅଦିନିଆ ଝଡ ବର୍ଷା ହେଲା, ମୁଁ ପବନ ଦେଖି ଖୁସିରେ ଠାକୁରଙ୍କୁ ଧନ୍ୟବାଦ ଦେଲି, ଏଥର ତା ବଗିଚା ଗଲା, ପ୍ରଭୁ ମୋ କଥା ଶୁଣିଲେ। ବଡ ଆନନ୍ଦରେ ରାତି ପାହିବା ଅପେକ୍ଷାରେ ବହୁତ ଡେରିରେ ଶୋଇଲି। ସକାଳୁ ବି ଟିକେ ଡେରି ହେଲା ଉଠିବାରେ । ଉଠି ଦେଖିଲି ମୋ ସ୍ୱାମୀ ବାରଣ୍ଡାରେ କାହାକୁ ଫୋନ୍‌ରେ ଅନୁରୋଧ କରୁଛନ୍ତି, ଯେମିତି ହଉ ୨ଟା ମୁଲିଆ ଦରକାର। ଗଛ ପଡି ରାସ୍ତା ଅବରୋଧ। ମୁଁ ଭିତରୁ ହିଁ ବଡ ପାଟିରେ କହିଲି ତମର ଏତେ କାହା ଲାଗି ଦରଦ ଦେଖେଇବା ଦରକାର ନାହିଁ, ସେ ପାର୍କ କରି ମତେ ଖତେଇ ହେଉଥିଲା, ଏବେ ନିଜେ ଭୋଗୁ। କୁମାର ରାଗି ଉଠି ଫୋନ୍ କାଟି, ମୋ ହାତଧରି ବାରଣ୍ଡାକୁ ଟାଣି ନେଲେ କହିଲେ ଦେଖ....ମୁଁ ତାଟକା ମୋ ଅଗଣାର ନଡିଆ ଗଛରୁ ୨ଟା ମୂଳରୁ ଉପୁଡି ଏମିତି ପଡିଛି ଯେ ଗେଟ୍ ଖୋଲିବା ବି ଅସମ୍ଭବ। ତଥାପି ମୁଁ ଗୋଡ ଟେକି ସେ ଶହିଦ ଭବନ ଆଡେ ଚାହିଁଲି, ଆରେ ଏ କ'ଣ ସେ ସୁଜାତା ଓ ଛବି ଗଡି ପଡିଥିବା କୁଣ୍ଡ ଗୁଡା ସଜାଡୁଛନ୍ତି, ଆଉ ବାକି ରକମ୍ ରକମ୍ ଫୁଲ ଗଛ ସେମିତି ମତେ ଚାହିଁ ଖତେଇ ହଉଛନ୍ତି। ମନ ମାରି ରହିଲି, ଭଡାଟିଆ ମାନେ ବି ଗୋଟେ ଗୋଟେ କରି ସିଆଡେ ଢ଼ଳିଲେଣି, କିନ୍ତୁ ମୁଁ ତ ସଂଭ୍ରାନ୍ତ ଘରର, ପୁଣି ମୋ ସ୍ୱାମୀ ପ୍ରଶାସନିକ ଅଧିକାରୀ ଥିଲେ ମୁଁ ବା କାହିଁକି ମୋ ଆଡୁ ଯିବି ! ସେ ଆସୁନି। ବାସ୍ ଏତିକି କନଫର୍ମ ହେଇଥିଲି ସେ ଭଡାଟିଆ ନୁହେଁ, ସେ ବୁଢ଼ା ଘର ମାଲିକ। ବୁଢ଼ା ତ ହ୍ୱିଲ୍ ଚେୟାରରେ ସେଥିଲାଗି ବଢ଼ିଲା ଝିଅକୁ ବୋଧେ ବାହା ନ ଦେଇ ଘରେ ରଖିଛି।

ଦିନେ ସାହସ କରି ପାଚେରି ଏପଟୁ ପାଟି କରି କହିଲି, ଆଜ୍ଞା ମୋ ପାଚେରି ଆଡେ ଆପଣଙ୍କ ଫୁଲ ଲଟା ମାଡୁଛି, ତାକୁ ନିଜ ପଟେ ରଖ, ନ ହେଲେ ଲୁଣ ପାଣି ଢାଳିଦେବି, ସେ କିଛି କହିଲାନି ବାସ୍ ଚାହିଁଲା ଆଉ କହିଲା ହଉ ଆଜ୍ଞା ମୁଁ କାଢ଼ିଦେବି, ସେମାନେ ତ ଗଛ, ସେ ବା କ'ଣ ଜାଣନ୍ତି ବନ୍ଧ ବାଡ ! ହଉ କ୍ଷମା କରିବେ। ତା' ପରେ ଆଉ ସେ କେବେ ନା କଥା ହେଇଥିଲା, ନା ମତେ ମୌକା ଦେଲା କିଛି କହିବାକୁ। ମୋର ମୋ ସ୍ୱାମୀଙ୍କ ସହ ଗାଁକୁ ଯିବାର ଥିଲା, ତ ଛବିକୁ ୧୦ ଦିନ କାମକୁ ନ ଆସିବାକୁ କହି, ଫେରିଲେ ତୋ ଲାଗି ଶାଢ଼ି ଆଣିବି କହିଲି, ସେ ବି ଭାରି ମୁହଁ ଖୋର୍ ସଙ୍ଗେ ସଙ୍ଗେ କହିଲା ନା ମା ଥାଉ, ସୁଜାତା ଦିଦି ଏବେ ୪ ଖଣ୍ଡ ଭଲ ଲୁଗା ଦେଇଛନ୍ତି, ତାକୁ ମୁଁ ବାହା-ବଜାର ଗଲେ ପିନ୍ଧୁଛି। ଆପଣ ଯେଉଁ ଲୁଗା ଦିଅନ୍ତି ସେ ଗୁଡା ବେଶିଦିନ ଘରେ ବି ପିନ୍ଧି ହୁଏନି। ମୁଁ ନିଜକୁ ହାରିବା ଦେଖି ପାରିବିନି, ତ ଛବିକୁ ଧମକଟେ ଦେଲି ଏତେ ଭଲ ସେ ଦିଦି ତ ମୋ ଘର ଓ ମୋ ଭଡାଟିଆଙ୍କ ଘର କାମ ଛାଡି ଦଉନୁ। ସେ ଗୋଡ କଚି ରୋଷେଇ ଘରକୁ ଚାଲିଗଲା। ସକାଳୁ ଆମେ ଦମ୍ପତି ବାହାରେ ବସି ଚାହା ପିଉ। ହେଲେ ଏ ତିନି ମାସରେ ସେ ଶହିଦ ଭବନ ରୁ ଭାସି ଆସୁଥିବା ରକମ-ରକମ ଫୁଲର ବାସ୍ନା ମତେ ଭାରି ଅଣନିଶ୍ୱାସୀ କରି ପକାଉଛି। ଥରେ ଥରେ ତ ତାଙ୍କ ପାଚେରୀ ପାରି ହେଇ ବାଇଗଣୀ ଅପରାଜିତା ଲତା ମୋ ଆଡେ ମାଡି ଆସନ୍ତି ତ ମୁଁ ସିଧା କଇଁଚି ଧରି କାଟି ସେ ଲଟା ସବୁ ତାଙ୍କ ପଟକୁ ଫିଙ୍ଗିଦିଏ। ମୁଁ ବାସ୍ ଏସବୁ କରେ କି ସେ ସୁଜାତା ମୋତେ କିଛି କହୁ ଆଉ ମୁଁ ବିଜୟୀ ହେବାର ସ୍ୱାଦଟା ଚାଖେ। ହେଲେ ସେ ଆଉ ତାର ସେ ବୁଢ଼ା ବାପା କିଛି କୁହନ୍ତିନି ବରଂ ହାତ ଯୋଡି ଗଛକୁ କ୍ଷମା ମାଗନ୍ତି, ଗଛ ସହ କଥା ହୁଅନ୍ତି ସତେ କି ତାଙ୍କ ଛୁଆ। ମୋର ଶାଶୁଙ୍କ ଶ୍ରାଦ୍ଧ ଲାଗି ଜାନୁଆରୀ ଶେଷରେ ଗାଁକୁ ଯିବାଟା ଦଶ ବର୍ଷର ଗୋଟେ ରୁଟିନ୍। ଜାନୁଆରୀ ଶେଷ ଶେଷ ଆଉ ତାଙ୍କ ବଗିଚା ଥଣ୍ଡା ପାଗରେ ବେଶ୍ ଫୁଲ ମୟ।

ହେଲେ ଆଜି ୧୦ ଦିନ ପରେ ଫେରି ତା' ବଗିଚା ଅବସ୍ଥା ଦେଖି ବେଶ୍ ଖୁସି ହେଲି। ସନ୍ଧ୍ୟା ଟା ଦେଇସାରି ଛବିକୁ ଫୋନ୍ କଲି ସେ ତୋ ସୁଜାତା ଦିଦି କୁଆଡେ ଗଲେ କି ? ଆଉ ତୁ କ'ଣ ତା' ବଗିଚା ଦେଖା ଶୁଣା କରୁନୁ କି ? ସେ ବହୁ କଷ୍ଟରେ କହିଲା ମା' ମୋ ଦେହ ବହୁତ ଖରାପ, ସୁଜାତା ଦିଦି ଆଉ ତାଙ୍କ ବାପା ଦିଲ୍ଲୀ ଯାଇଛନ୍ତି ବୋଲି କହିଥିଲେ। ମୁଁ ତା କଥା ଅଧାରେ, ରଖି କହିଲି ହଁ ଦିଲ୍ଲୀ ପ୍ରଧାନ ମନ୍ତ୍ରୀ ଡାକିଥିବେ ତାକୁ ଏମିତି ପାର୍କଟେ କରିଛି ବୋଲି ! ହୁଁ ଗାଁକୁ ଯାଇଥିବ, ଲାଜ ଲାଗିବ ବୋଲି ଦିଲ୍ଲୀ କହିଛି, ହଉଛାଡ ତୁ କାଲିଠାରୁ ଆସିଯିବୁ ମୁଁ ଫେରି ଆସିଲିଣି।

ହଠାତ୍ ମୋ ସ୍ୱାମୀ ପାଟି କରି ଡାକିଲେ ଏ ମାନସୀ ଜଲଦି ଆସ, ନିଉଜ ଦେଖ..... ଦେଖ.....ମୁଁ ଅନିଚ୍ଛାରେ ଗଲି, ନିୟୁଜ୍‌ର ଭଲ୍ୟୁମଟା ବଢ଼ାଇ ଦେଲେ ସେ। ଆରେ ଏ କ'ଣ ରାଷ୍ଟ୍ରପତି ଭବନର କ'ଣ ଗୋଟେ ପ୍ରୋଗ୍ରାମ, ଏଁ ଆଗ ଧାଡିରେ କ'ଣ ସେ ସୁଜାତାର ବୁଢ଼ା ବାପା ହ୍ୱିଲ୍ ଚେୟାରରେ ! ମୁଁ ଲଥ୍ କିନା ବସିଗଲି, କାନରେ ଠାଏ ଠାଏ ବାଜୁଥାଏ ଓଡିଶା ମାଟି ଗର୍ବିତ ମେଜର ମନୋଜ ମହାନ୍ତିଙ୍କୁ ପାଇ। ଦେଶ ଲାଗି ଲଢ଼ି ସେ ବମ୍ବେଠାରେ ହୋଇଥିବା ସନ୍ତ୍ରାସବାଦୀଙ୍କ ଗୁଳିମାଡରେ ଟଳିପଡିଲେ, ବାପ-ମାଙ୍କ ଏକମାତ୍ର ପୁଅ, ବାସ୍ ତିନି ମାସର ବୈବାହିକ ଜୀବନ, ସବୁ ପଛରେ ପକାଇ ମେଜର ମନୋଜ ଦେଶ ଲାଗି ଶହିଦ୍ ହୋଇଗଲେ, ଯାହାଙ୍କ ତ୍ୟାଗ ଯୋଗୁ ବମ୍ବେର ଅନେକ ବଡ ବଡ ଧ୍ୱଂସ ହେବାରୁ ରକ୍ଷା ପାଇଗଲା, ତାଙ୍କର ଧର୍ମପତ୍ନୀ ସୁଜାତା ମହାନ୍ତିଙ୍କୁ ରାଷ୍ଟ୍ରପତି ତାଙ୍କ ସ୍ୱାମୀଙ୍କ ପରମବୀର ଚକ୍ର ପ୍ରଦାନ କରୁଛନ୍ତି। ମୋ ଆଖିରୁ ଲୁହ ଝରିବାକୁ ଲାଗିଲା, ସୁଜାତା ମଠା ଶାଢ଼ୀ ସେମିତି ଠାକୁରାଣୀ ପରି ଚେହେରା, ନିର୍ବିକାର ନା ହସ ନା କାନ୍ଦ ରାଷ୍ଟ୍ରପତିଙ୍କଠାରୁ ସ୍ୱାମୀଙ୍କ ଲାଗି ଏତେବଡ ପୁରସ୍କାର ଗ୍ରହଣ କରୁଥିଲା, ଟିଭି ବାଲା ବି ଜୁମ୍ କରି ତା' ମୁହଁ ଆଡେ କ୍ୟାମେରା ଟା କରିଦେଲେ, ତା' ଆଖି ଯେମିତି ମୋ ଆଖିରେ ମିଶି ଯାଉଥାଏ, ଯେମିତି ଏ ଆଖି ମୋତେ ଅନେକ ପ୍ରଶ୍ନ ପଚାରୁଛି, ମୁଁ ଭୋ ଭୋ କି କାନ୍ଦିବାକୁ ଲାଗିଲି, ମୋ ସ୍ୱାମୀ ହତବାକ୍ ହେଇ ପଚାରୁଥିଲେ କ'ଣ ହେଲା ମାନସୀ ? ମୁଁ ସେମିତି କାନ୍ଦି କାନ୍ଦି କହୁଥିଲି ଆମ ନାତି ଯେଉଁ ସ୍କୁଲରେ ପଢୁଛି, ସେ ସ୍କୁଲକୁ ସନ୍ତ୍ରାସବାଦୀଙ୍କ କବଳରୁ ଏଇ ମେଜର ମନୋଜ ହିଁ ରକ୍ଷା କରିଥିଲେ। ସେ ମରି ମୋ ନାତି ପରି କେତେ ଛୁଆଙ୍କୁ ଜୀବନ ଦେଲେ। ଧିକ୍ ମୋ ଜୀବନ, ମାତ୍ର ତିନିମାସର ବିବାହିତା ଗୋଟେ ଶହିଦ୍‌ର ବିଧବା ଆଉ ଶ୍ୱଶୁରଙ୍କ ଦାୟିତ୍ୱ ନେଇ ବାସ୍ ନିଜ ଗଛ ଲତାକୁ ନିଜ ଛୁଆ ଭଳି ସ୍ନେହ ବାଢୁଛି, ବାସ୍ ନିଜ ଭିତର ଦୁଃଖକୁ ରଙ୍ଗ ବେରଙ୍ଗ ଫୁଲ ବଗିଚାରେ ଭରି ସେ ତା ଜୀବନର ବେରଙ୍ଗତାକୁ ଲୁଚାଇ ଚାଲିଥିଲା ଆଉ ମୁଁ କେତେ ନିଚ କଥା ସବୁ ଛି....ଛି.....

ବାସ୍ ସକାଳୁ ଉଠି ଆଉ ଚା ନ କରି ମୋ ସ୍ୱାମୀଙ୍କୁ ଡାକିଲି ଆସ, ସେ ପଚାରିଲେ କୁଆଡେ ? ଶହିଦ୍ ଭବନକୁ ସେ ନ ଫେରିବା ଯାଏଁ, ଆମ ପାଣି ପାଇପ୍‌ଟା ପାଚେରୀ ପାରକରି ବଗିଚାକୁ ଜୀବନ ଦେବା। ମୋ ସ୍ୱାମୀ ତାଟକା... ତଥାପି ଚାଲିଲେ। ମୁଁ ଗଛଗୁଡିକୁ ପାଣି ଦେବାରେ ଲାଗିଲି, ମନେମନେ କହୁଥିଲି ଏ ଶହିଦ୍ ଭବନରେ ଆଉ ଗୋଟେ ଲତାକୁ ବି ମରିବାକୁ ଦେବିନି, ସେତିକି ବେଳେ ଛବି ଆସିଲା, ଆରେ ମା' ଏ କ'ଣ ଆପଣ ଠିକ୍ ଅଛନ୍ତି ତ ? ତାକୁ କହିଲି ହଁ ଏବେ ଠିକ୍ ଅଛି, ଆଗରୁ ସେ ପ୍ରହେଳିକା କାଲି ମୋ ଆଖିରୁ ଲୁହ ହେଇ ବୋହି ଯାଇଛି, ଆ' ତୁ ବି ଲାଗିପଡ, ଘର କାମ ପରେ ହେବ। ଏ ଶହିଦ୍ ଭବନ ସବୁ ବେଳେ ଫୁଲ, ପତ୍ର, ରଙ୍ଗ, ବାସ୍ନାରେ ଭରି ରଖିବା ଦାୟିତ୍ୱ ଆମର.......

—ଅନାମିକା ଦାସ
*ପ୍ରଶାସନିକ ଅଧିକାରୀ, ଭାରତ ସ୍କାଉଟସ୍ ଏବଂ ଗାଇଡସ୍, ଭୁବନେଶ୍ୱର, ଓଡିଶା, ମୋ-୭୦୦୮୩୯୬୬୫୪, Mail ID: anamikaorissa91@gmail.com*

## ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ



ବାଲେଶ୍ୱର (ପିଏନ)- ଶିଶୁ ଶ୍ରମ ନିରାକରଣ, ଶିଶୁମାନଙ୍କ ଅଧିକାର ଏବଂ ବେଆଇନ ଭାବେ ଶିଶୁଙ୍କୁ କାର୍ଯ୍ୟରେ ନିୟୋଜନ ପାଇଁ ଆଇନରେ ରହିଥିବା ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ "ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ" ଆଜି ପୂର୍ବାହ୍ନରେ ସ୍ଥାନୀୟ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ଯାତ୍ରା ଆରମ୍ଭ କରିଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି । ଓଡିଶା ସରକାରଙ୍କ ଶ୍ରମ ଓ ରାଜ୍ୟ କର୍ମଚାରୀ ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଶିଶୁ ଶ୍ରମିକ ଉଚ୍ଛେଦ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏହି ରଥ ଜିଲ୍ଲାର ବିଭିନ୍ନ ସହରାଂଚଳ ଓ ବ୍ଲକ ଗସ୍ତ କରି ଲୋକମାନଙ୍କୁ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କରେ ସଚେତନ କରିବ । ୧୪ ବର୍ଷ ପୂର୍ଣ୍ଣ କରି ନ ଥିବା ଶିଶୁଙ୍କୁ କୌଣସି ପ୍ରକାର ବୃତି ଏବଂ ପ୍ରକ୍ରିୟାରେ ତଥା ୧୫ ବର୍ଷରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦସଙ୍କୁଳ ବୃତି ଓ ପ୍ରକ୍ରିୟାରେ ନିୟୋଜନ କରିବା ଏକ ଧର୍ତବ୍ୟ ଅପରାଧ ହୋଇଥିବା ବେଳେ ଏପରି ନିୟୋଜନ କରିଥିବା ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହ କାରାଦଣ୍ଡ ପାଇଁ ଆଇନରେ ବ୍ୟବସ୍ଥା ରହିଛି । କିଛି ଦିନର ସଚେତନତା କାର୍ଯ୍ୟକ୍ରମ ପରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ଅଂଚଳରେ ଚଢଉ ଆରମ୍ଭ କରାଯାଇ ଜିଲ୍ଲାରେ ଶିଶୁ ଶ୍ରମିକଙ୍କ ବାସ୍ତବିକ ସ୍ଥିତିର ଆକଳନ କରାଯିବା ସହିତ ଆଇନ ଉଲ୍ଲଙ୍ଘନ କ୍ଷେତ୍ରରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀ ଅଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଏହି ଅବସରରେ ଆମ ଜିଲ୍ଲା ତଥା ରାଜ୍ୟକୁ ଶିଶୁ ଶ୍ରମ ମୁକ୍ତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ସମସ୍ତଙ୍କ ସହଯୋଗ କାମନା କରିଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ବୃନ୍ଦାବନ ସେଠୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ୫-ଟି ଯୋଜନାରେ ବଦଳୁଛି ସ୍କୁଲର ନକ୍ସା, ସୃଦୃଢ ହେଉଛି ଶିକ୍ଷା ବ୍ୟବସ୍ଥା



ଧର୍ମଶାଳା (ପିଏନ): ବିଦ୍ୟାଳୟଗୁଡିକର ଭିତିଭୂମିକୁ ସୁଦୃଢ଼ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟ ସରକାର ୫-ଟି ମାଧ୍ୟମରେ ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି । ଏହି ୫-ଟି ମାଧ୍ୟମରେ ରୂପାନ୍ତରିତ ସ୍ମାର୍ଟ କ୍ଲାସ ରୁମରେ ବସି ପାଠ ପଢ଼ିବା ସହିତ ଅତ୍ୟାଧୁନିକ ବ୍ୟବସ୍ଥାକୁ ଦେଖି ଖୁସି ଜାହିର କରୁଛନ୍ତି ଛାତ୍ରଛାତ୍ରୀ । ଧର୍ମଶାଳା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୬ଟି ହାଇସ୍କୁଲ ରୂପାନ୍ତରଣ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୫ଗୋଟି ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ଚକାଚକ କ୍ଲାସ ରୁମ । ରୂପାନ୍ତରିକରଣ ପରେ ବଦଳୁଛି କ୍ଲାସ ରୁମର ନକ୍ସା । ଛାତ୍ରଛାତ୍ରୀମାନଙ୍କ ପଢିବା ପାଇଁ ସୁନ୍ଦର ବେଂଚ୍ ଓ ଡେସ୍କର ବ୍ୟବସ୍ଥା ସହ ଅତ୍ୟାଧୁନିକ ଜ୍ଞାନ କୌଶଳର ବିନିଯୋଗ ହୋଇଛି । ଏହି ଯୋଜନାରେ ଧର୍ମଶାଳା ବ୍ଲକ ଜାରକା ପଂଚାୟତର ଅମରେଶ୍ୱରୀ ଉଚ୍ଚ ବିଦ୍ୟାଳୟ ସୁନ୍ଦର ପରିବେଶ ସାଙ୍ଗକୁ ଶିକ୍ଷା ପ୍ରତି ପିଲାମାନଙ୍କୁ ଆକୃଷ୍ଟ କଲା ଭଳି ବ୍ୟବସ୍ଥାକରାଯାଇଛି । ଏଠାରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇଁ ସ୍ମାର୍ଟ କ୍ଲାସ ରୁମ, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ଲ୍ୟାବ, କମ୍ପ୍ୟୁଟର ହଲର ବ୍ୟବସ୍ଥା ହୋଇଛି। ଡିଜିଟାଲ ବୋର୍ଡରେ ପାଠପଢି ସ୍ମାର୍ଟ ହେଉଛନ୍ତି ଛାତ୍ରଛାତ୍ରୀ। ନୂଆ ରୂପରେ ହାଇସ୍କୁଲ ଝଲସୁଥିବା ବେଳେ କ୍ଲାସ ରୁମରେ ଅତ୍ୟାଧୁନିକ ବ୍ୟବସ୍ଥାକୁ ଦେଖି ଖୁସି ଜାହିର କରିଛନ୍ତି ଛାତ୍ରଛାତ୍ରୀ। ରାଜ୍ୟ ସରକାରଙ୍କ ଏଭଳି ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରୁଛନ୍ତି ଅଧ୍ୟୟନରତ ଛାତ୍ରଛାତ୍ରୀ, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକ। ବିଦ୍ୟାଳୟରେ କେବଳ ପାଠପଢା ନୁହେଁ ଏହି ବ୍ୟବସ୍ଥାରେ ଆନୁସଙ୍ଗିକ ଉପକରଣ ସହ ଶାରିରୀକ ଶିକ୍ଷା ପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ବିଭିନ୍ନ ସ୍କୁଲର ରୂପାନ୍ତରଣ କାର୍ଯ୍ୟ ବୁଲି ଦେଖିବା ସହିତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି।

## ମହିଳାମାନଙ୍କ ରୋଜଗାରର ମାଧ୍ୟମ ସାଜିଛି ଧୂପକାଠି



ଖୋର୍ଦ୍ଧା (ପିଏନ)- ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଂଚାୟତ ଅନ୍ତର୍ଗତ ସାଲତରା ଗ୍ରାମରେ ୨୦୧୮ ମସିହାରୁ ଯାଜ୍ଞସେନୀ ପ୍ରଡ୍ୟୁସର ମହିଳା ଗ୍ରୁପ ଓରମାସ ସହଯୋଗରେ ଭଡାଘରେ ଧୂପକାଠି ତିଆରି କରି ମହିଳାଙ୍କୁ ଆତ୍ମନିର୍ଭରଶୀଳ କରି ପାରିଛି । ଯାହାକି ୬ ଟି ମେସିନରେ ୩୦ ଜଣ ମହିଳା ସିଫ୍ଟ ଅନୁଯାଇ ଦିନକୁ ୩ କ୍ୱିଂଟାଲ ଧୂପକାଠି ବାହାର କରି ଖରାରେ ଶୁଖାଇ ଝୁଣା, ଗୁଗୁଳ, କସ୍ତୁରୀ ଓ ଚନ୍ଦନ ବତୀ କରି ବିଭିନ୍ନ ଓଜନର ପ୍ୟାକେଟ ପ୍ରସ୍ତୁତ କରିଥାନ୍ତି। ଏହା ଅଧକିଲୋ ପ୍ୟାକେଟରେ ୫ଶହ ଧୂପକାଠିକୁ ୧ ଶହ ଟଙ୍କାରେ ବିକ୍ରୀ କରିଥା'ନ୍ତି। ଏହି ବତୀଗୁଡିକ ନିର୍ମାଣରେ ବ୍ୟବହୃତ ହେଉଥିବା କଂଚାମାଲ ଯଥା: ବାଉଁଶକାଠି,କୋଇଲା ଗୁଣ୍ଡ (ଚାର୍ପୁଲ) ଓ ଉଡ ପାଉଡର ଦି ଗ୍ରେଡ(ଜୋଶ ପାଉଡର)କୁ କଟକ ଜିଲ୍ଲା ଜଗତପୁରଠାରୁ ଆଣିଥାନ୍ତି। ଏହା କମ ଦରରେ ଅଧିକ କାଠି ରହିଥିବାରୁ ବିଭିନ୍ନ ବ୍ୟବସାୟୀମାନେ କିଣିନେଇଥାନ୍ତି। ଏତଦ୍‌ବ୍ୟତୀତ ବିଭିନ୍ନ ଜିଲ୍ଲାରେ ହେଉଥିବା ଓରମାସର ପଲ୍ଲିଶ୍ରୀ ମେଳାରେ ଯୋଗଦେଇ ବିକ୍ରୀ କରିଥାନ୍ତି ବୋଲି ସଭାପତି ଝରଣା ଦଳେଇ ଓ ସମ୍ପାଦକ ସୁଶ୍ରୀ ସଙ୍ଗୀତା ନାୟକ କହିଛନ୍ତି। ଯଦି ସରକାରଙ୍କ ପକ୍ଷରୁ ଅଧିକ ସହଯୋଗ ମିଳିବ ତେବେ ନିଯୁକ୍ତିର ହାର ବଢିବା ସହ ଉତ୍ପାଦନ ଶକ୍ତି ବଢିପାରିବ ବୋଲି ସେମାନେ ଆଶା କରିଛନ୍ତି।

## କନକମଂଜରୀ ମହାବିଦ୍ୟାଳୟରେ ଉତ୍ତର କହିଛନ୍ତି ଅଧାପକ



ଘଷିପୁରା (ପିଏନ୍): ଆନନ୍ଦପୁର ଉପଖଣ୍ଡ ଶାଳପଡା ସ୍ଥିତ କନକ ମଂଜରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତଦୁଇ ପରୀକ୍ଷା ଚାଲିଥିଲା ଏବଂ ଏହା ହୋଇଥିଲା ଏକ ହବ୍ ସେଣ୍ଟର ଯେଉଁଠି କି ପରୀକ୍ଷାର୍ଥୀଙ୍କୁ ଉତ୍ତର ଡାକି ଦେଇଥିଲେ ଅଧାପକ । ଏଭଳି ଏକ ସଙ୍ଗୀନ ଅଭିଯୋଗ ଇ ମେଲ ଦ୍ୱାରା ଶିକ୍ଷା ବିଭାଗକୁ ଜଣାଇଛନ୍ତି ଜଣେ ଅଭିଭାବକ ଅଳୀ ପ୍ରଧାନ । ଅଭିଯୋଗକାରିଣୀ ଅଳୀ ପ୍ରଧାନଙ୍କ ଝିଅ କହିବା ଅନୁସାରେ କଲେଜରେ ସିସିଟିଭି ଲାଗିଥିବା ସତ୍ତ୍ୱେ ଅଧାପକମାନେ ଉତ୍ତର ଡାକି ଦେଉଥିଲେ। ଫଳରେ ସେମାନେ ୧୫ଜଣ ଝିଅ ଯୁକ୍ତଦୁଇ ପରୀକ୍ଷା ଦେଉଥିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେହି ୧୫ ଝିଅ ଅଧକ୍ଷ ଶ୍ରୀ ପ୍ରଦୀପ ମହାନ୍ତିଙ୍କୁ ଯାଇ ଅନୁରୋଧ କରିଥିଲେ ଏବଂ ସେହି ୧୫ଜଣ ଝିଅଙ୍କୁ ଅଲଗା ଗୋଟିଏ ରୁମ୍‌ରେ ପରୀକ୍ଷା କରାଇବାକୁ କହିଥିଲେ। କାରଣ ଏଭଳି ଉତ୍ତର ଡାକିଲା ବେଳେ ସେମାନଙ୍କର ଏକାଗ୍ରତା ଭଙ୍ଗ ହେଉଥିଲା । ଅଧକ୍ଷ ଶ୍ରୀ ମହାନ୍ତି ସେହି ଛାତ୍ରୀମାନଙ୍କ କଥାକୁ ଭୃକ୍ଷେପ ନକରିବାରୁ ସେହି ୧୫ଜଣ ଛାତ୍ରୀ ଶିକ୍ଷା ବିଭାଗକୁ ଇମେଲ ଜରିଆରେ ଅଭିଯୋଗ କରିଥିବା ଜଣାପଡିଛି ।

## ଝୁମ୍ପୁରା ପଂଚାୟତ ସମିତିର ବୈଠକ ଅନୁଷ୍ଠିତ



କେନ୍ଦୁଝର (ପିଏନ୍): ଝୁମ୍ପୁରା ପଂଚାୟତ ସମିତି କାର୍ଯ୍ୟାଳୟରେ ନିକଟରେ ଅନୁଷ୍ଠିତ ହୋଇଯାଇଛି ପଂଚାୟତ ସମିତିର ବୈଠକ। ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସଦର ବିଧାୟକ ମୋହନଚରଣ ମାଝୀ, ସ୍ଥାନୀୟ ବିଡିଓ ବିଜୟ କୁମାର ନାୟକ, ବ୍ଲକ ଉପାଧକ୍ଷ ମାନସରଂଜନ ବିଶ୍ୱାଳ, ଏବିଡିଓ ଚୁନୁ ହାଁସଦାଃ, ସହକାରୀଯନ୍ତ୍ରୀ କୃଷ୍ଣଚନ୍ଦ୍ର ସାହୁ , ବ୍ଲକ ସ୍ତରୀୟ ସମସ୍ତ କନିଷ୍ଠ ଯନ୍ତ୍ରୀ, ଶିଶୁବିକାଶ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ଉଦ୍ୟାନ ବିଭାଗ, କୃଷି ବିଭାଗ,ମତ୍ସ୍ୟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ବିଦ୍ୟୁତ ବିଭାଗର ଅଧିକାରୀ ଗଣ ଉପସ୍ଥିତ ରହିଥିଲେ। ବୈଠକରେ ଝୁମ୍ପୁରା ବ୍ଲକର ୨୨ଗୋଟି ଗ୍ରାମ ପଂଚାୟତର ସରପଂଚ, ସମିତି ସଭ୍ୟ/ସଭ୍ୟାଙ୍କ ସହିତ ୩ଟି ଜୋନର ଜିଲା ପରିଷଦ ସଭ୍ୟ ଯୋଗ ଦେଇଥିଲେ । ବୈଠକରେ ମନରେଗା ଏବଂ ଗ୍ରାମାଚଂଳରେ ପାନୀୟ ଜଳ ସମସ୍ୟା ନେଇ ଉଦ୍‌ବେଗ ପାଇଥିବା ବେଳେ ଅଙ୍ଗନବାଡୀ କେନ୍ଦ୍ରଗୁଡିକରେ ନିୟମିତ ଖାଦ୍ୟ ଏବଂ ସଠିକ୍ ପରିମାଣ ଅଣ୍ଡା ଦିଆଯାଉ ନଥିବା ଅଭିଯୋଗ ହୋଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା,ଭତା ସମ୍ପର୍କିତ ବିଭିନ୍ନ ପଂଚାୟତ ପ୍ରତିନିଧିଙ୍କ ସମସ୍ୟାଗୁଡିକ ଉପରେ ସବିଶେଷ ଆଲୋଚନା କରାଯାଇ ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ପ୍ରସ୍ତାବ ଗୃହିତ ହୋଇଥିଲା।

# କୃଷି ଦୁନିଆ



## ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

**ସୁବ୍ରତ କୁମାର ମହାନ୍ତି**

*ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ । ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ । ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା । ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି । ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ । ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବର ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ । ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋୱେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ । ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ । ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ । ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ବ୍ୟବହାର କରି ଯେଉଁ ଖତ ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଯାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ । ତତ୍‌ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବତ୍ୱରକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ ।*

**ପ୍ରସ୍ତୁତି ପ୍ରଣାଳୀ :**

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ । ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି । ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସର୍ବାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ । କୁଣ୍ଡର ତଳସ୍ତରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ । ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ



କରିବାକୁ ପଡ଼େ । ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ । ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ । ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ । ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ । କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ । ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ । ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ । ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ ।

**ପ୍ରସ୍ତୁତ ସମୟର ସତର୍କତା :**

କେବଳ ଉଦ୍ଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ



ବ୍ୟବହାର ଯୋଗ୍ୟ । ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ । ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ । ସେଥିପାଇଁ ଆର୍ଦ୍ରତା ପରିଚାଳନା ସୂଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍ । ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ ।

**ଜିଆଖତର ପ୍ରୟୋଗ :**

କ୍ଷେତ୍ର ଫସଲ ବା ଶ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ । ମି ବୁଣିବା



ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ । ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗରୁ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ । ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ ।

ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

## କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ



ବିଜ୍ଞାନ ରଂଜନ ସାହୁ

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଲିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା





ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି– ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

କୃଷି ସ୍ନାତକୋତ୍ତର , ଓୟୁଏଟି

## ଟିଲାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା



ବିଜ୍ଞାନ ମିହିର ରାଉତ

ଟିଲାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ । ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ । ନୀଳନଦୀ ଟିଲାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ଟିଲାପିଆ ଭାବେ ଗଣା ହୋଇଥାଏ । ନୀଳ ଟିଲାପିଆ ଶଙ୍କର ଜାତୀୟ ଟିଲାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ । ଏହା ସମୁଦାୟ ବିଶ୍ୱର ଟିଲାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ । ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ । ମୋଜାମ୍ବିଆ ଟିଲାପିଆ ନୀଳନଦୀ ଟିଲାପିଆର ପ୍ରଜାତି ଅଟେ । ଲାଲ୍ ଟିଲାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା । ଏହା ବର୍ତ୍ତମାନ ସାରା ବିଶ୍ୱରେ ଆଦୃତ ହୋଇପାରିଛି ।

ଉତ୍ପାଦନ- ଟିଲାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି । ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ଟିଲାପିଆ ଉତ୍ପାଦନ କାରୀ ରାଷ୍ଟ୍ର । ବିଶ୍ୱର ଅର୍ଦ୍ଧାଧିକ ଟିଲାପିଆ ଚୀନ୍ ଆସିଥାଏ । ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ । ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ । ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ । ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଟିଲାପିଆ ଟିଲାପିଆ ମାଛକୁ କେତେକ ଗରିବଙ୍କ ମାଛ ବୋଲି କହନ୍ତି । ଏହାର ମୂଳ ବାସସ୍ଥାନ ଆଫ୍ରିକା । ଆଫ୍ରିକା ମହାଦେଶ ବାହାରେ ସର୍ବପ୍ରଥମେ ଏହାର ଏକ ପ୍ରଜାତି ମୋଜାମ୍ବିକ ଟିଲାପିଆ ଚାଷ ଆରମ୍ଭ ହୋଇଥିଲା । କିନ୍ତୁଏହା କ୍ଷୁଦ୍ର, କମ୍ ଚାହିଦା ଓ କେତେକ ଅନାଦୃତ କାରଣ ବଶତ ଏହାର ଚାଷ ସଫଳ ହୋଇପାରିନଥିଲା । ପରେ ବିଂଶ ଶତାବ୍ଦୀରେ ଏକ ଉନ୍ନତ ପ୍ରଜାତିର ଟିଲାପିଆକୁ ଚାଷ କରାଯାଇ ଅଭୁତପୂର୍ବ ସଫଳତା ହାସଲ କରାଯାଇଥିଲା । ଏହାକୁ ବିଂଶ ଶତାବ୍ଦୀର ମୁଖ୍ୟ ଜଳଜୀବ ଭାବେ ଗଣା ଯାଉଛି । ଏହି ମାଛ ଅତ୍ୟନ୍ତ ସହନଶୀଳ ଓ ରୋଗପ୍ରତିରୋଧକ୍ଷମ ହୋଇଥାଏ । ଏହାଛଡ଼ା ୪-୬ ମାସ ଭିତରେ ବିକ୍ରିଯୋଗ୍ୟ ହୋଇଥାଏ । ଏହି ମାଛକୁ ବର୍ତ୍ତମାନ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଷ କରାଯାଉଛି ।



ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ । ପିରା ଚାଷ ମାଧ୍ୟମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ଟିଲାପିଆ ଉତ୍ପାନନ ହୋଇପାରିଥାଏ । ସେହିପରି ଚୀନ୍, ମାଲେସିଆ ଓ ଡିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ଟିଲାପ୍ପିାକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଗନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ ।

ପୋଖରୀ ଚାଷ- ଫିଲିଫାଇନ୍ସରେ ଟିଲାପିଆକୁ ଏକୁଳି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ । ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି । ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୭ ଟନ ଟିଲାପିଆ ଉତ୍ପନ୍ନ ହୋଇପାରିବ ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ଟିଲାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ମୋହିତ ଭାବେ ଚାଷ କରାଯାଇଥାଏ । ନୀଳନଦୀ ଟିଲାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ । ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ ।

ଏକଲିଙ୍ଗି ଚାଷ- ଟିଲାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ । ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ଟିଲାପିଆ ମାଛ ମିଳିଥାଏ । ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ । ଅଧିକାଂଶ ଚାଷୀ ଏକଲିଙ୍ଗି ଚାଷକୁ ଗୁରୁତ୍ୱ ଦେଇଥାନ୍ତି । ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ । ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ । କହିବାକୁ ଗଲେ ଟିଲାପିଆ ଚାଷ ଲାଭଦାୟକ ଅଟେ । ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ଟିଲାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି ।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

## ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ । କୃଷିର ବି୍ାଶ, କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ବିଗତ ୨୦୧୮ ଏପ୍ରିଲରୁ କୃଷି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା ନିରନ୍ତର ଭାବେ ପ୍ରକାଶ ପାଇ ଚାଷୀକୁଳ ପାଖରେ ବେଶ ସ୍ନେହ , ଶ୍ରଦ୍ଧା ସାଉଁଟିପାରିଛି । ଶ୍ୟାମଳ ସୁବର୍ଣ୍ଣ ସବୁବେଳେ କୃଷିର ବିକାଶ ସହ କୃଷକର ବିକାଶ ଉପରେ ଗୁରୁତ୍ୱ ଦେଇଥାଏ । ତେବେ ଆଗାମୀ ଡ଼ିସେମ୍ବର ୫ ତାରିଖ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଉଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଟି ଓ ଏହାର ଉପାଦେୟତା ବିଷୟରେ ସଚେତନତା ସୃଷ୍ଟି କରାଯିବା ହିଁ ଏହାର ମୂଳ ଲକ୍ଷ୍ୟ । କୃଷି ବିଜ୍ଞାନୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ମାଟି ସହ ଜନଜୀବନର ବିଶେଷତା ଉପରେ ସଚେତନତା କରାଇବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି । ଏହି ପ୍ରବନ୍ଧର ବିଷୟ ବସ୍ତୁ ରହିଛି : ମାଟି -ଚାଷର ଏନ୍ତୁଡ଼ିଶାଳ ଓ ଇଂରାଜୀ ବିଭାଗ ପାଇଁ ବିଷୟ- soil-the life giver of all existence । ଛାତ୍ରଛାତ୍ରୀ ମାନେ ଉଭୟ ଓଡ଼ିଆ ଓ ଇଂରାଜୀରେ ପ୍ରବନ୍ଧ ଲେଖି ୬୦୦-୭୦୦ ଶବ୍ଦ ମଧ୍ୟରେ ୩୦.୧୧.୨୦୨୧ ମଧ୍ୟରେ ପଠାଇବାକୁ ନିବେଦନ କରାଯାଇଛି । ପଠାଇବାର ଠିକଣା - ଇମେଲ- dshuvam97@gmail.com ଓ ଡ଼ାକ ମାଧ୍ୟମରେ - ମାର୍ଫତ- ସମ୍ପାଦକ,ଶ୍ୟାମଳ ସୁବର୍ଣ୍ଣ , ଷ୍ଟେଟ୍ ବ୍ୟାଙ୍କ ପାଖ , ବାସୁଦେବପୁର , ଭଦ୍ରକ ଠିକଣାରେ ପଠାଇପାରିବେ । ପ୍ରତିଯୋଗିତାର ଫଳାଫଳ ଆସନ୍ତା ଡ଼ିସେମ୍ବର ୫ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଘୋଷଣା କରାଯିବା ସହ ଶ୍ରେଷ୍ଠ ତିନିଜଣଙ୍କୁ ମାନପତ୍ର ଦିଆଯିବ ବୋଲି ସମ୍ପାଦକ କହିଛନ୍ତି ।




# ବଡ଼ଭାଇର ଆକ୍ରମଣରେ ସାନଭାଇ ଗୁରୁତର

କୋରେଇ, (ପିଏନ)- ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଶଙ୍ଖଚିଲା ଫାଣ୍ଡି ଅଧିନରେ ଥିବା ଜହ୍ନା ପଂଚାୟତର ଛୋଟରାୟପୁର ଗ୍ରାମର ହରିଜନ ସାହିରେ ଏକ ଅଭାବନୀୟ ଘଟଣା ଘଟିଛି । ବଡ଼ଭାଇ ଓ ତାର ପରିବାରର ମରଣାନ୍ତକ ଆକ୍ରମଣରେ ସାନଭାଇ ଗୁରୁତର ଭାବେ ଆହତ ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି । ଏ ନେଇ ସାନଭାଇର ପତ୍ନୀ ଶଙ୍ଖଚିଲା ଫାଣ୍ଡିରେ ଏକ ଏତଲା ଦେବାପରେ ପୁଲିସ ମାମଲାର ଛାନଭିନ୍ କରୁଛି । ମିଳିଥିବା ସୂଚନାନୁସାରେ ଉକ୍ତ ସାହିର କୈଳାସ ମଳିକଙ୍କ ତିନି ପୁଅ କାର୍ଥିକ, ରଞ୍ଜନ ଓ କେଶବଙ୍କ ମଧ୍ୟରୁ ରଞ୍ଜନ ଆଠ ଦଶ ବର୍ଷ ହେଲା ଘରଠାରୁ ଅଲଗା ହୋଇ ରହୁଅଛି । ତେବେ ବିଭିନ୍ନ କାରଣକୁ ନେଇ ରଞ୍ଜନ ଓ ତାର ପତ୍ନୀ ମାମିକୁ ଦୁଇ ଭାଇ କାର୍ତିକ ଓ କେଶବ ଗଣ୍ଡଗୋଳ କରିଆସୁଥିଲେ ମଧ୍ୟ ଗ୍ରାମର ମୁରବୀ ଓ ସ୍ଥାନୀୟ ଫାଣ୍ଡିରେ ସମାଧାନ ହୋଇଛି । ମାତ୍ର ଗତ ୯ ତାରିଖ ଦିନ ରଞ୍ଜନର ମାଆ ରେବତୀ ଓ ତାର ବିବାହିତା ଭଉଣୀ ରୀତା ସହିତ ତାର ପତ୍ନୀ ମାମିର କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା । ଏ ନେଇ ରଞ୍ଜନ ତାର ଭଉଣୀ ଓ ମାଆକୁ ଗଣ୍ଡଗୋଳରୁ ନିବୃତ ରହିବାକୁ ବାରଣ କରିଥିଲା । ପରେ ସଂଧ୍ୟାରେ ରଞ୍ଜନର ଦୁଇ ଭାଇ କାର୍ତିକ ଓ କେଶବ ଘରକୁ ଫେରିବା ପରେ ସମସ୍ତ ଘଟଣା ସମ୍ପର୍କରେ ଅବଗତ ହେବାପରେ ଦୁଇ ଭାଇ, ଭଉଣୀ ଓ ମାଆ ମିଶି ରଞ୍ଜନକୁ ଏକ ଠେଙ୍ଗା ଓ ପନିକି ସାହାଯ୍ୟରେ ମୁଣ୍ଡକୁ ପିଟିଥିଲେ । ସ୍ୱାମୀକୁ ନିର୍ଦ୍ଦୟ ଭାବେ ପିଟୁଥିବାର ଦେଖି ମାମି ବଂଚାଇବାକୁ ଦୌଡ଼ି ଆସିବାରୁ ତାକୁ ମଧ୍ୟ ନିର୍ଘାତ ମାଡ଼ ମାରିବା ସହିତ ସଂଜ୍ଞାହୀନ ଅବସ୍ଥାରେ ପାଖ ବିଲରେ ଫୋପାଡ଼ି ଦେଲେ । ଏମାନଙ୍କର ଗଣ୍ଡଗୋଳ ଶୁଣି ପାଖ ପଡ଼ୋଶୀ ମାନେ ଦୌଡ଼ି ଆସିବାରୁ ଦୁଇ ଭାଇ ଓ ପରିବାର ଲୋକେ ରଞ୍ଜନ ଓ ମାମୀକୁ ଛାଡ଼ି ପଳାଇଲେ । ପରେ ଗ୍ରାମବାସୀଙ୍କ ସହାୟତାରେ ତାକୁ ଯାଜପୁର ରୋଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯିବା ପରେ ଡ଼ାକ୍ତର ତାକୁ କଟକ ବଡ଼ ମେଡ଼ିକାଲକୁ ରେଫର କରିଥିଲେ । ସେଠାରୁ ଡ଼ିସଚାର୍ଯ ହୋଇ ଫେରିବା ପରେ ମାମୀ ତାଙ୍କ ସ୍ୱାମୀ ରଞ୍ଜନ ଓ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଦେଢଶୁର କାର୍ତିକ, ଦିଅର କେଶବ,ଶାଶୂ ରେବତୀ ଓ ନଣନ୍ଦ ରୀତା ନାମରେ ଶଂଙ୍ଖଚିଲା ଫାଣ୍ଡିରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୁଲିସ ଘଟଣାର ତଦନ୍ତ ଚଳାଇଛି ।

ଏଠାରେ ପ୍ରକାଶ ଥାଉକି, କାର୍ତିକ ଓ କେଶବ ପୂର୍ବରୁ ତାଙ୍କର ଚାଳଘରକୁ ରାତିରେ ଶୋଇଥିବା ଅବସ୍ଥାରେ ନିଆଁ ଲଗାଇଦେବା ପାଇଁ ଧମକ ଦେଇଛନ୍ତି । ତେଣୁ ନିଜର ସୁରକ୍ଷା ଲାଗି ଆସାମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରାର୍ଥନା କରିଛନ୍ତି ।

# ବାଲେଶ୍ୱର ସହରର ୩ ଅର୍ବାନ ପିଏଚସିରେ ଅକ୍ସିଜେନ ଥେରାପି ସେଂଟର ଉଦଘାଟିତ



ବାଲେଶ୍ୱର(ପିଏନ)- ବାଲେଶ୍ୱର ପୌରାଂଚଳରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା ୩ଟି ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ଅର୍ବାନ ପି.ଏଚ.ସି.)ରେ ଆଜି ୩ଟି ଅକ୍ସିଜେନ ଥେରାପି ସେଂଟର ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଉପସ୍ଥିତିରେ ଏହି ତିନି ଅକ୍ସିଜେନ ଥେରାପି କେନ୍ଦ୍ର ଉଦଘାଟନ ହୋଇଥିଲା । ଶୋଭାରାମପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଅକ୍ସିଜେନ ଥେରାପି ସେଂଟରକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଳ ସେନ ଜଗଦେବ ଉଦଘାଟନ କରିଥିବା ବେଳେ ସହଦେବ ଖୁଂଟା ପି.ଏଚ.ସି.ର ଅକ୍ସିଜେନ ଥେରାପି ସେଂଟରକୁ ଡା. ଲମ୍ବୋଦର ବଳ ଏବଂ ସୁନହଟ ପି.ଏଚ.ସି.ର ଅକ୍ସିଜେନ ଥେରାପି ସେଂଟରକୁ ଡା ମମତା ସାହୁ ଉଦଘାଟନ କରିଥିଲେ । ଉଦଘାଟିତ ହୋଇଥିବା ପ୍ରତ୍ୟେକ ଅକ୍ସିଜେନ ଥେରାପି ସେଂଟରରେ ୪ଟି ଲେଖାଏଁ ଶଯ୍ୟା ରହିଛି । ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଭୋଗ କରୁଥିବା ଉଭୟ କୋଭିଡ ଓ ଅଣକୋଭିଡ ରୋଗୀଙ୍କୁ ଏଠାରେ ସଙ୍ଗେ ସଙ୍ଗେ ଭର୍ତି କରି ଚିକିତ୍ସା ଆରମ୍ଭ କରାଯିବ । ସେଥିପାଇଁ ଏଠାରେ ଅକ୍ସିଜେନ ସିଲିଣ୍ଡର ମହଜୁଦ ରହିବା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଉପଲବ୍ଧ ହେବ । ଏଠାରେ ଦିନ ରାତି ୨୪ ଘଂଟା ସେବା ଯୋଗାଇ ଦିଆଯିବ । ସ୍ୱାସ୍ଥ୍ୟ ସେବାକୁ ତ୍ୱରାନ୍ୱିତ କରିବା ପାଇଁ ଆସନ୍ତା ୨୦ତାରିଖରୁ ପ୍ରତ୍ୟେକ ପି.ଏଚ.ସି.କୁ ୩ଜଣ ଲେଖାଏଁ ଏ.ଏନ.ଏମ୍. ଦିଆଯିବ । ଅକ୍ସିଜେନ ଥେରାପି ଦ୍ୱାରା ରୋଗୀଙ୍କ ସ୍ଥିତି ଯଦି ସାମାନ୍ୟ ହୋଇଯାଏ ତାହା ହେଲେ ତାଙ୍କୁ ଛାଡି ଦିଆଯିବ ଅନ୍ୟଥା ସେମାନଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯିବ । ଏହି ତିନି ଅକ୍ସିଜେନ ଥେରାପି ସେଂଟରର ଦାୟିତ୍ୱରେ ଥିବା ଡାକ୍ତର ଏବଂ ସେମାନଙ୍କ ମୋବାଇଲ ନମ୍ବର ନିମ୍ନରେ ଦିଆଗଲା ।

### ନୀଳାଚଳ କୃଷକ ମହାସଂଘର ଜରୁରୀ ବୈଠକ

# ବନ୍ୟା କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଯୋଗାଇଦେବାକୁ ଦାବି

କଣାସ, (ପିଏନ)- ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଜଙ୍ଘାର ଛକ ତାରିଣୀ ମଣ୍ଡପଠାରେ ନୀଳାଚଳ କୃଷକ ମହାସଂଘର ଜିଲ୍ଲାସ୍ତରୀୟ ଏକ ଜରୁରୀ ବୈଠକ ଗଦାଧର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବନ୍ୟାରେ ଦୟାନଦୀରେ ଦୁଇଟି ଘାଇ ଯୋଗୁଁ ପାଣ୍ଡିଆକେରା, ଗଡବଡପୁଟ, ଗଡସାନପୁଟ ଗ୍ରାମପଚାଂୟତର ଚାଷୀମାନଙ୍କର ସମସ୍ତ ଧାନ, ପନିପରିବା, ବିଭିନ୍ନ ଚାଷ ଜମିରେ ବନ୍ୟାଜଳ ମାଡିଯାଇ ନଷ୍ଟ ହୋଇଯାଇଛି । ଅନେକ ଜମିରେ ବାଲି ମାଡିଯାଇଛି । ତୁରନ୍ତ ଚାଷୀମାନଙ୍କୁ ଫସଲ କ୍ଷତିପୂରଣ ମାଗଣାରେ ଚିନାବାଦାମ ମଞ୍ଜି, ଧାନବିହନ, ପନିପରିବା ମଞ୍ଜି, ସାରକିଟନାଶକ ଔଷଧ ଯୋଗାଇଦେବା ପାଇଁ ବୈଠକରେ ଦାବି ହୋଇଥିଲା । ଏଥି ସହିତ କାଜପାଣି ଆସି ତ୍ରିଲୋଚନପୁର, ସିରେଇ, ବିଜିପୁର ଗ୍ରାମପଚାଂୟତର ସମସ୍ତ ଧାନଫସଲ ନଷ୍ଟ କରିଦେବା ସହିତ ମାଛପୋଖରୀ ବୁଡିଯାଇ ମାଛ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି । ପ୍ରଶାସନ ସଠିକ୍ ରିପୋର୍ଟ ସରକାରଙ୍କୁ ଦେଇନଥିବାରୁ ବୈଠକରେ ନୀଳଚଳ କୃଷକ ମହାସଂଘର କର୍ମକର୍ତାମାନେ ଉଦ୍‌ବେଗ ପ୍ରକାଶ କରିବା ସହିତ ସରକାରଙ୍କୁ ସଠିକ୍ ତଥ୍ୟ ଦେବାପାଇଁ ଦାବି କରିଥିଲେ । ଗତ ବର୍ଷ ଫନିରେ କ୍ଷତିଗ୍ରସ୍ତ ହୋଇଥିବା ଅନେକ ପରିବାରଙ୍କୁ ବର୍ତମାନ ସୁଦ୍ଧା ଘରଭଙ୍ଗା ବାବଦ କ୍ଷତିପୂରଣ ଦିଆଯାଇ ନଥିବାରୁ ତୁରନ୍ତ ଘରଭଙ୍ଗା ବାବଦ କ୍ଷତିପୂରଣ ଅର୍ଥ ପ୍ରଦାନ କରିବାକୁ କର୍ମକର୍ତାମାନେ ଦାବିକରିଥିଲେ । ଯଦି କ୍ଷତିପୁରଣ ମିଳିବାରେ ବିଳମ୍ବ ହୁଏ ତାହାଲେ ମହାସଂଘର କର୍ମକର୍ତା ଓ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବାପାଇଁ ସ୍ଥିର ହୋଇଛି । ନୀଳାଚଳ କୃଷକ ମହାସଂଘର ସମୋନ୍ୱୟ କମିଟିର ଅଧକ୍ଷ ଗୁଣନିଧି ପାତ୍ର, ଗୋପବନ୍ଧୁ ସାମନ୍ତରାୟ, ସମେରେନ୍ଦ୍ର ସାହୁ, ସୁବାସ ମଙ୍ଗରାଜ, ବ୍ଲକ ସଂପାଦକ ଅନାଥ ଦାଶ, ଧୁଶାସନ ସ୍ୱାଇଁ , ମହେଶ୍ୱର ବେହେରା, ସତ୍ୟବାଦୀ ବ୍ଲକ ସଭାପତି ଫଗୁପରିଡା, ପିପିଲି ବ୍ଲକ ସଭାପତି ସୁର୍ଦଶନ ପ୍ରଧାନ ଏହି ବୈଠିକରେ ଉପସ୍ଥିତ ରହିଥିଲେ ।

# ମୟୂରଭଞ୍ଜରୁ ନୂଆ ୧୩୧ ପଜିଟିଭ୍ ଚିହ୍ନଟ : ଜଣେ ୪୫ ବର୍ଷ ପୁରୁଷଙ୍କ ମୃତ୍ୟୁ

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲାରେ ସ୍ଥାନୀୟ ସଂସ୍ପର୍ଶରୁ ୧୨୯, କାର୍ଯ୍ୟରତ କୋଭିଡ୍-୧୯ ଯୋଦ୍ଧା ୧ ଏବଂ ଭୁବନେଶ୍ୱରଠାରେ ଜିଲ୍ଲାରୁ ଚିହ୍ନଟ ହୋଇଥିବା ଜଣଙ୍କୁ ମିଶାଇ ମୋଟ ୧୩୧ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ଏବଂ ଆକ୍ରାନ୍ତମାନଙ୍କ ୫ ଜଣ ବାଳକ ଓ ୬ ବାଳିକା, ୨୦ରୁ ୨୯ ମଧ୍ୟରେ ୩୦ ଯୁବକ ଓ ୧୦ ଯୁବତୀ, ୩୦ରୁ ୩୯ ମଧ୍ୟରେ ୧୮ ଯୁବକ ଓ ୮ ଯୁବତୀ, ୪୦ରୁ ୪୯ ମଧ୍ୟରେ ୮ ପୁରୁଷ ଓ ୯ ମହିଳା, ୫୦ରୁ ୫୯ ମଧ୍ୟରେ ୧୪ ପୁରୁଷ ଓ ୫ ମହିଳା, ୬୦ରୁ ୬୯ ମଧ୍ୟରେ ୯

### ଆକ୍ରାନ୍ତ ସଂଖ୍ୟା ୫୦୧୯ କୁ ବୃଦ୍ଧି

ସଂଖ୍ୟା ୫ ହଜାର ୧୯କୁ ବୃଦ୍ଧି ପାଇଛି । ତେବେ ଆଜି ମୟୂରଭଞ୍ଜରୁ ଆକ୍ରାନ୍ତମାନଙ୍କ ମଧ୍ୟରେ ୮୮ ପୁରୁଷ ଓ ୪୨ ଜଣ ମହିଳା ରହିଥିବା ସମୟରେ ଏମାନଙ୍କ ମଧ୍ୟରେ ୦ରୁ ୯ ବର୍ଷ ଓ ମଧ୍ୟରେ ୨ ନାବାଳକ ଓ ୧ ନାବାଳିକା, ୧୦ରୁ ୧୯ ବର୍ଷ ମଧ୍ୟରେ ବୃଦ୍ଧ ଓ ୧ ବୃଦ୍ଧା , ୭୦ରୁ ୭୯ ମଧ୍ୟରେ ୧ ବୃଦ୍ଧ ଓ ୧ ବୃଦ୍ଧା ଏବଂ ଜଣେ ୮୭ ବର୍ଷର ବୃଦ୍ଧ ରହିଛନ୍ତି । ସେହିପରି ବାରିପଦା ପୌରପରିଷଦରୁ ସର୍ବାଧିକ ୧୦ ପୁରୁଷ ଓ ୫ ମହିଳାଙ୍କୁ ମିଶାଇ ମୋଟ ୧୫ ଜଣ କରୋନା ସଂକ୍ରମିତ ହୋଇଥିବା ସମୟରେ ବାରିପଦା ବ୍ଲକରୁ ଜଣେ ୨୩ ବର୍ଷର ଯୁବକ, ବଡ଼ସାହି ବ୍ଲକରୁ ୫ ପୁରୁଷ ଓ ୨ ମହିଳା, ବାଙ୍ଗିରିପୋଷିରୁ ୧ ପୁରୁଷ, ବେତନଟୀ ବ୍ଲକରୁ ୫ ପୁରୁଷ ଓ ୧ ମହିଳା, ବିଶୋଇ ବ୍ଲକରୁ ୧ ଯୁବକ ଓ ୧ ଯୁବତୀ, ଗୋପବନ୍ଧୁନଗର ବ୍ଲକରୁ ୧ ଯୁବକ ଓ ୨ ମହିଳା, ଜାମଦା ବ୍ଲକରୁ ଜଣେ ୫୮ ଓ ୬୫ ବର୍ଷର ୨ ପରୁଷ, ଯଶୀପୁର ବ୍ଲକରୁ ଜଣେ ୨ ଯୁବକ ଓ ୧ ମହିଳା , କପ୍ତିପଦା ବ୍ଲକରୁ ୪ ଯୁବକ, କରଞ୍ଜିଆ ବ୍ଲକରୁ ୧୫ ବର୍ଷର ନାବାଳକ ଓ ୨ ଯୁବକ, କରଞ୍ଜିଆ ଏନଏସିରୁ ୪ ପୁରୁଷ, ଖୁଂଟା ବ୍ଲକରୁ ଜଣେ ୧.୫ ବର୍ଷର ନାବାଳକ ଓ ୭ ଯୁବକ ସହ ଓ ୩ ମହିଳା, କୁଳିଅଣା ବ୍ଲକରୁ ୩ ଯୁବକ, କୁସୁମୀ ବ୍ଲକରୁ ଜଣେ ବୃଦ୍ଧ ଓ ଜଣେ ଯୁବକ ସହ ଅନ୍ୟ ଜଣେ ମହିଳା, ମୋରଡ଼ା ବ୍ଲକରୁ ଜଣେ ବୃଦ୍ଧ ଓ ଜଣେ ଯୁବକ ସହ ଅନ୍ୟ ଜଣେ ମହିଳା, ରାଇରଙ୍ଗପୁର ବ୍ଲକରୁ ୬ ପୁରୁଷ ଓ ୩ ମହିଳା, ରାଇରଙ୍ଗପୁର ପୌରପରିଷଦରୁ ୬ ପୁରୁଷ ଓ ୨ ମହିଳା, ରରୁଆଁ ବ୍ଲକରୁ ଜଣେ ୬୫ ବର୍ଷର ବୃଦ୍ଧ, ରାସଗୋବିନ୍ଦପୁର ବ୍ଲକରୁ ୮୭ ଓ ୬୮ ବର୍ଷର ୨ ବୃଦ୍ଧ ସହ ଅନ୍ୟ ୨ ଯୁବକ, ସାରସକଣାରୁ ୧ ମହିଳା, ଶାମାଖୁଂଟାରୁ ଜଣେ ୬୦ ବର୍ଷର ବୃଦ୍ଧ ଓ ୨ ଯୁବକ ସହ ଅନ୍ୟ ଜଣେ ଯୁବତୀ, ଶୁକ୍ଳି ବ୍ଲକରୁ ୧ ପୁରୁଷ, ଶୁଳିଆପଦାରୁ ୧ ପୁରୁଷ ଓ ୩ ମହିଳା, ଠାକୁରମୁଣ୍ଡା ୭ ପୁରୁଷ ଓ ଜଣେ ୭୮ ବର୍ଷିୟା ବୃଦ୍ଧା, ୧୦ , ୧୩ ଓ ୧୬ ବର୍ଷିୟା ନାବାଳିକା ସହ ଅନ୍ୟ ୩ ମହିଳା, ତିରିଂ ବ୍ଲକରୁ ୨ ମହିଳା, ଉଦଳା ବ୍ଲକରୁ ୧ ଯୁବକ ଓ ୨ ମହିଳା ଏବଂ ଉଦଳା ଏନଏସିରୁ ୪ ପୁରୁଷ ଓ ୪ ମହିଳା କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବାର ଜଣାପଡ଼ିଛି । ଆକ୍ରାନ୍ତମାନଙ୍କ ମଧ୍ୟରୁ କୌଣସି ଲକ୍ଷଣ ନ ଥିବା ଓ ସ୍ୱଳ୍ପ ଲକ୍ଷଣ ଥିବା ବ୍ୟକ୍ତିମାନଙ୍କୁ କୋଭିଡ୍ କେୟାର ଓ କ୍ରିଟିକାଲ ସଂକ୍ରମିତମାନଙ୍କୁ କୋଭିଡ୍ ହସପିଟାଲରେ ଚିକିତ୍ସା ନିମନ୍ତେ ଭର୍ତି କରାଯାଇଛି । ଏଥିସହିତ ସେପ୍ଟେମ୍ବର ୧୫ ସୁଦ୍ଧା ଜିଲ୍ଲାରେ ସୁସ୍ଥ ସଂଖ୍ୟା ୪ ହଜାର ୮୭୭ ଓ ୧୬ ତାରିଖ ପର୍ଯ୍ୟନ୍ତ ସକ୍ରିୟ ସଂଖ୍ୟା ୧ ହଜାର ୧୨୭ ରହିଥିବା ବେଳେ ଆଜି ଜିଲ୍ଲାରୁ ଜଣେ ୪୫ ବର୍ଷ ବୟସର ପୁରୁଷ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି ଏବଂ ଏହାକୁ ମିଶାଇ ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

### ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଳାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ଭେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

### ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ “ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା”ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
# ପର୍ଯ୍ୟବେକ୍ଷକ
Bhubaneswar Thursday November 23 ଭୁବନେଶ୍ୱର ଶୁକ୍ର, ନଭେମ୍ବର ୨୩,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

## ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ପ୍ରବୀଣ ଆଇନଜୀବୀ ଅମିତାଭ ମହାପାତ୍ର ଙ୍କ ୧୦୩ ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର,(ପି.ଏନ): ଆଜି କଟକ ସହରରେ ଅବସ୍ଥିତ ଐତିହାସିକ ସ୍ୱରାଜ ଆଶ୍ରମ ଠାରେ ସରଳା ଦେବୀ - ଭାଗିରଥି ମହାପାତ୍ର ଟ୍ରଷ୍ଟ ତରଫରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରବୀଣ ଆଇନଜୀବୀ ଅମିତାଭ ମହାପାତ୍ର ଙ୍କ ୧୦୩ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ କଟକସ୍ଥିତ ଏକ ପ୍ରତିଷ୍ଠିତ ଆଇନ ମହାବିଦ୍ୟାଳୟ ଦି ଲ କଲେଜ ର ପ୍ରତିଷ୍ଠାତା ସମ୍ପାଦକ ଅମିତାଭ ମହାପାତ୍ର ଙ୍କ ସ୍ମୃତିରେ ସେହି ଆଇନ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଏକ ପ୍ରସଙ୍ଗ ଭିତ୍ତିକ ପ୍ରତିଯୋଗିତା ଆଇନଜୀବୀ ବିଶ୍ୱଜିତ ପାଣି , ଆଇନଜୀବୀ ଅସିତ କୁମାର ଜେନା ଏବଂ ସୁଶ୍ରୀ ସୁସ୍ମିତା ପଟ୍ଟନାୟକଙ୍କ ସଂଯୋଜନାରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ର ବରିଷ୍ଠ ସଦସ୍ୟ ସଦସ୍ୟା ତଥା ଆଇନଜୀବୀ ସରୋଜ କୁମାର ଦାସ, କିରଣ ରାଉତ, ଶୀଳଭଦ୍ର ଶାସ୍ତ୍ରୀ ଏବଂ ଦିପ୍ତିରେଖା ନନ୍ଦ ପ୍ରମୁଖ ବିଚାରକ ଭାବରେ ଯୋଗ ଦେଇ ପ୍ରଥମ ତିନି ଜଣ ଶ୍ରେଷ୍ଠ ପ୍ରତିଯୋଗୀ ଙ୍କୁ ଚୟନ କରିଥିଲେ ଏବଂ ସେମାନଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା । ପରବର୍ତ୍ତୀ କାର୍ଯ୍ୟକ୍ରମରେ ଟ୍ରଷ୍ଟ ର ସଭାପତି ତଥା ଆଇନଜୀବୀ ନିରଞ୍ଜନ ପଣ୍ଡା ଙ୍କ ପୌରୋହିତ୍ୟ ରେ ସ୍ମୃତିସଭା ରେ ମୁଖ୍ୟ ଅତିଥି ତଥା



ଉଦଘାଟକ ପୂର୍ବତନ ମନ୍ତ୍ରୀ ଏବଂ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଙ୍କ ସମେତ ମୁଖ୍ୟବକ୍ତା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ର ଡିନ ଡ. ପ୍ରଦୀପ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବରେ ଟ୍ରଷ୍ଟ ର ଉପଦେଷ୍ଟା ଇଁ ଡ. ପ୍ରଭାକର ସ୍ୱାଇଁ, ଏବଂ କ୍ୟାପଟେନ ମନ୍ମଥ ରାଉତରାୟ ପ୍ରମୁଖ ଯୋଗ ଦେଇ ସମ୍ପ୍ରତି ଆଦର୍ଶ ତଥା ନୀତି ବିହୀନ କଳୁଷିତ ରାଜନୀତି ପରିପ୍ରେକ୍ଷୀରେ ସେ ସମୟର ନିତିନିଷ୍ଠ ରାଜନେତା ଅମିତାଭ ମହାପାତ୍ର ଙ୍କ ଭଳି ଆଦର୍ଶ ବ୍ୟକ୍ତିତ୍ୱ ସମସ୍ତଙ୍କର ପାଥେୟ ହେଉ ବୋଲି ନିଜ ନିଜର ବକ୍ତବ୍ୟ ରଖି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି ସଭାର ମୁଖ୍ୟ ଆକର୍ଷଣ ଥିଲେ ବରିଷ୍ଠ ଆଇନଜୀବି ଡ. ଟହଲି ଚରଣ ମହାନ୍ତି ତାଙ୍କୁ ଚଳିତ ବର୍ଷ ପାଇଁ 'ଅମିତାଭ ମହାପାତ୍ର ସ୍ମୃତି ସମ୍ମାନ' ରେ ସମ୍ମାନିତ କରାଯାଇଥିଲା । ସବୁବର୍ଷ ଭଳି ବିଶିଷ୍ଟ ଶ୍ରୋତା ସମ୍ମାନ ଅଧାପିକା ଶିକ୍ଷା ପାତ୍ର ଙ୍କୁ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଟ୍ରଷ୍ଟ ର ସଦସ୍ୟା ବିଶ୍ୱମିତ୍ରା ମିଶ୍ର ଅତିଥି ପରିଚୟ କରିବା ସହିତ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ଲକ୍ଷ୍ମୀପ୍ରକାଶ ମହାପାତ୍ର ସଂପାଦକୀୟ ବିବରଣୀ ପ୍ରକାଶ କରିଥିଲେ । ଏହି ଅବସରରେ ଦିବଂଗତ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ଆତ୍ମା ର ଶାନ୍ତି ଉଦ୍ଧ ?ଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ସ୍ମୃତି ସଭାରେ ଟ୍ରଷ୍ଟ ଅନ୍ୟତମ ଉପଦେଷ୍ଟା ବିଜୟ କୁମାର ଦାସ ମଧ୍ୟ ଉପସ୍ଥିତ ଥିଲେ । ଟ୍ରଷ୍ଟ ର ଅନ୍ୟତମ ଟ୍ରଷ୍ଟି କବିତା ମହାପାତ୍ର ଙ୍କ ସମେତ ସମସ୍ତ କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରଶାନ୍ତ ଦାସ, ଆଇନଜୀବୀ ସି କସ୍ତୁରୀ, ଆଇନଜୀବୀ ବିଭୁ ପ୍ରସନ୍ନ ମହାପାତ୍ର, ଆଇନଜୀବୀ ସୁଶ୍ରୀ ଗୀତାଞ୍ଜଳି ବେଉରା, ସମାଜସେବୀ ଦେବୀ ପ୍ରସନ୍ନ ମହାପାତ୍ର, ସୁବ୍ରତ ସାମଲ ଏବଂ ସସ୍ମିତା ପଟ୍ଟନାୟକ ଏବଂ ଅକ୍ଷୟ ବେଉରା ପ୍ରମୁଖ ଙ୍କ ସହଯୋଗରେ ସଭା କାର୍ଯ୍ୟ ପରିଚାଳନା ହୋଇଥିଲା । ଏବଂ ପରିଶେଷରେ ଆଇନଜୀବୀ ଜଗନ୍ନାଥ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ନିୟନ୍ତ୍ରଣ ବଜାର କମିଟି ପକ୍ଷରୁ ଧାନର ଗୁଣାତ୍ମକ ମାନ ପ୍ରଶିକ୍ଷଣ ଶିବିର

ଜଗତସିଂହପୁର,(ପି ଏନ) ଜଗତସିଂହପୁର ଜିଲ୍ଲାର ସିଂହାପୁ ସମବାୟ ସମିତି ପରିସରରେ ଚାଷୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା ଏହି ପ୍ରଶିକ୍ଷଣ ଶିବିରରେ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଆରଏମସି ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ,ସୁକୁମାର ଦାସ,ସଭାପତି ବୈରାଙ୍ଗ ଚରଣ ମହାନ୍ତି,ସିଂହାପୁ ସମବାୟ ସମିତିର ସେକେଟ୍ରରୀ ପ୍ରଦୀପ୍ତ କୁମାର ମହାନ୍ତି,ସୁଧୀର କୁମାର ମହାନ୍ତି ଯୋଗଦେଇ ଚାଷୀମାନଙ୍କୁ ଧାନର ଏଫଏକ୍ୟୁ ଧାନର ମାନ ବିଷୟରେ ବୁଝାଇଥିଲେ । ଆସନ୍ତା ଋତୁରେ ସରକାର ଧାନ ଗ୍ରହଣ କରିବା ସମୟରେ ଚାଷୀମାନେ କିଭଳି ଧାନ ପ୍ରସ୍ତୁତ କରିବେ ଓ ଧାନର ମାନ କିଭଳି ରହିଲେ ଏହା ଅଧିକ ଗ୍ରହଣୀୟ ହେବ



ସେ ସମ୍ପର୍କରେ ଚାଷୀ ମାନଙ୍କୁ ଅବଗତ କରାଇଥିଲେ ଓ ଚାଷୀମାନେ ସଫା ଶୁଖିଲା ଓ ପରିଷ୍କାର ଧାନ ମଣ୍ଡିକୁ ଆଣିବେ ଏବଂ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ଚାଷୀ ମାନଙ୍କୁ ଦିଆଯିବ ବୋଲି ବୁଝାଇ ଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ସମବାୟ ସମିତି କେନ୍ଦ୍ର କମିଟି ସଦସ୍ୟ ଓ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ଥିଲେ ।

## ସମନ୍ୱୟ ଓ ସଦ୍‌ଭାବନାର ପର୍ବ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ନୂଆଦିଲ୍ଲୀ,(ପି.ଏନ): ଓଡ଼ିଆ କଳା, ସଂସ୍କୃତି, ପରମ୍ପରା ଓ ଖାଦ୍ୟର ମହକ ନେଇ ଦିଲ୍ଲୀରେ ଆରମ୍ଭ ହୋଇଛି ଓଡ଼ିଶା ପର୍ବର ୭ମ ସଂସ୍କରଣ । ଓଡ଼ିଆ ସମାଜ, ନୂଆଦିଲ୍ଲୀ ତରଫରୁ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆୟୋଜିତ ୨୨ ରୁ ୨୪ ତିନିଦିନିଆ ସାଂସ୍କୃତିକ ମହୋତ୍ସବକୁ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ଭର୍ତ୍ତୃହରି ମହତାବ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ସମାଜ, ନୂଆଦିଲ୍ଲୀ ସଭାପତି ଶ୍ରୀ ସିଦ୍ଧାର୍ଥ ପ୍ରଧାନ ଉପସ୍ଥିତ ଥିଲେ । ମୁଖ୍ୟଅତିଥି ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ କହିଥିଲେ ଯେ, 'ଓଡ଼ିଶା ପର୍ବ' କେବଳ ଓଡ଼ିଶାର ପର୍ବ ନୁହେଁ, ଏହା ହେଉଛି ସମଗ୍ର ବିଶ୍ୱର ଏକ ମହୋତ୍ସବ । ଏହା ହେଉଛି ସଦ୍‌ଭାବନା ଓ ସମନ୍ୱୟର ପର୍ବ । ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ଓଡ଼ିଶାର ସମୃଦ୍ଧ କଳା, ସାହିତ୍ୟ, ସଂସ୍କୃତି ଓଡ଼ିଆ ଜାତିର ଗୌରବ ଗାଥା ଗାନ କରିବ । ସମ୍ପ୍ରତି ବିଶ୍ୱର ଚିଂ।ର କାରଣ ହୋଇଥିବା ଯୁଦ୍ଧାଭିମୁଖୀ ବାତାବରଣକୁ ପ୍ରତିହତ କରିବା ପାଇଁ 'ଯୁଦ୍ଧ ନୁହେଁ, ବୁଦ୍ଧ ଗୁରୁତ୍ୱପୂର୍ଣ୍ଣ' ବୋଲି ଜାତୀୟ ମଞ୍ଚରେ ଆହ୍ୱାନ ଦେଇଥିଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ, ଓଡ଼ିଶାର ସଂସ୍କୃତି ଓ ପରମ୍ପରା ବିଶ୍ୱସ୍ତରରେ ସର୍ବଜନ ବିଦିତ ହେଉଛି । ଏହା ପ୍ରତିଟି ଓଡ଼ିଆ ପାଇଁ ଗର୍ବ ଓ ଗୌରବର ବିଷୟ ହୋଇପାରିଛି । କେବଳ ଏତିକି ନୁହେଁ, ଓଡ଼ିଶାର ପ୍ରତିଟି କୋଣ-ଅନୁକୋଣରୁ ଲୁକ୍କାୟିତ ପ୍ରତିଭା, ବ୍ୟନ ଓ ଅନନ୍ୟ କଳାକୃତିକୁ ଦିଲ୍ଲୀ ଦରବାରରେ ପରିବେଷଣ କରିବାର ଏକ ସୁଯୋଗ ଆଣିଛି ଏହି ପର୍ବ । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ନିଜ ଅଭିମତରେ କହିଥିଲେ ଯେ, 'ଓଡ଼ିଶା ପର୍ବ ୨୦୨୪ କେବଳ ଏକ ସାଂସ୍କୃତିକ ଆୟୋଜନ ନୁହେଁ; ଏହା ଏକ ଅଭିଜ୍ଞତା- ଓଡ଼ିଶାର ପ୍ରାଚୀନ ଐତିହ୍ୟ ତଥା ଏହାର ଲୋକମାନଙ୍କ ମଧ୍ୟରେ ଥିବା ଏକତାର ଏକ ନିଚ୍ଛକ ଛବି । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ କେବଳ ଐତିହ୍ୟର ପ୍ରସାର ଯଥେଷ୍ଟ ନୁହେଁ, ଅର୍ଥନୀତି ଓ ଶିଳ୍ପ କ୍ଷେତ୍ରକୁ ମଧ୍ୟ ପ୍ରାଧାନ୍ୟ ଦେବା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ । ରାଜଧାନୀର ଶୀତୁଆ ସନ୍ଧ୍ୟାରେ ଓଡ଼ିଆ ତଥା ଅଣଓଡ଼ିଆ ଉତ୍ସାହ ଓ ଉତ୍କଣ୍ଠାର ସହ ଏକତ୍ରିତ ହୋଇଥିବାରୁ ସାଂସଦ ଶ୍ରୀ ମହତାବ କୃତଜ୍ଞତା ଜ୍ଞାପନ କରିଥିଲେ । ଓଡ଼ିଆ ସମାଜ, ନୂଆଦିଲ୍ଲୀ ସଭାପତି ଶ୍ରୀ ସିଦ୍ଧାର୍ଥ ପ୍ରଧାନ ସ୍ୱାଗତ ଜଣାଇ କହିଥିଲେ ଯେ, 'ଏହା କେବଳ ଏକ ସାଂସ୍କୃତିକ ପ୍ରଦର୍ଶନୀ ନୁହେଁ, ଏହା ହେଉଛି ଆମର ପରିଚୟ । ଆମେ ଆମ ପରିଚୟକୁ ନେଇ ଗର୍ବ କରିବା ଉଚିତ । ଆମ ଐତିହ୍ୟ କେବଳ ଆମ ପାଇଁ ନୁହେଁ, ଏହା ସମଗ୍ର ବିଶ୍ୱର ଅଟେ' । ଉଦ୍‌ଘାଟନୀ ଉତ୍ସବର ପ୍ରଥମ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଓଡ଼ିଶୀ ନୃତ୍ୟଗୁରୁ କବିତା ମହାନ୍ତି ଏବଂ ଶିଷ୍ୟମାନଙ୍କ ଦ୍ୱାରା 'ଓଡ଼ିଶୀ ଏବଂ ମାର୍ସଲ ଆର୍ଟ'ର ଫ୍ୟୁଜନ୍ 'ତପସ୍ୱିନୀ' ନୃତ୍ୟ ।

## ନୌବାଣିଜ୍ୟିକ କ୍ଷେତ୍ରରେ ଓଡିଶା ଏକ ମାଇଲ ଖୁଣ୍ଟ:ରାଜ୍ୟପାଳ

ପାରାଦୀପ,(ପି.ଏନ): ଆଠ ଦିନ ଧରି ପାରାଦୀପ ସାଗର ବେଳାଭୂମିରେ ଆୟୋଜିତ ହୋଇଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଗୁରୁବାର ସଂନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସଂନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଓଡିଶାର ମହାମହିମ ରାଜ୍ୟପାଳ ରଘୁବର ଦାସ । ପ୍ରାଚୀନ କାଳରେ ସମଗ୍ର ବିଶ୍ୱରେ ଓଡିଶାର ବୀର ସାଧବମାନେ ବେପାର ବାଣିଜ୍ୟ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ବିଶ୍ୱର କୋଣ ଅନୁକୋଣରେ ପାଲଟଣା ବୋଇତରେ ପହଂଚିବାର ଦୁର୍ବାର ସାହସ କରିବା କେବଳ ଓଡିଶାର ବୀର



ସାଧବମାନେ କରି ଦେଖାଇ ଥିଲେ ବୋଲି ମୁଖ୍ୟଅତିଥି ମହାମହିମ ରାଜ୍ୟପାଳ ତାଙ୍କ ବକ୍ତବ୍ୟରେ କହିଥିଲେ । ପାରାଦୀପ ଆଧୁନିକ ନୌବାଣିଜ୍ୟର ପ୍ରାଣ କେନ୍ଦ୍ର ପାଲଟିଛି, ଯାହା ସମଗ୍ର ଦେଶ ପାଇଁ ଗର୍ବ ଓ ଗୌରବ ବହନ କରୁଛି ବୋଲି ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଥିଲେ । ଉତ୍ସବରେ ପୌରହିତ୍ୟ କରିଥିଲେ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା ମହୋତ୍ସବ କମିଟିର ଅଧ୍ୟକ୍ଷ ଜେ. ସୋନାଲ । ନିମନ୍ତ୍ରିତ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମାନ୍ୟବର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୂପ୍ରସାଦ ତରାଇ, ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ,ପାରାଦୀପ ନଗରପାଳ ବସ' ବିଶ୍ୱାଳ,ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ପ୍ରମୁଖ ଯୋଗ ଦେଇ କଳିଙ୍ଗ ସାଧବମାନଙ୍କ ବୀରତ୍ୱର ଗାଥା ବର୍ଣ୍ଣନା କରିବା ସହିତ ପାରାଦୀପ ବାଲିଯାତ୍ରା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା କହିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା । ଶେଷରେ ବଲିଉଡର ସୁନାମଧନ୍ୟ କଣ୍ଠଶିଳ୍ପୀ ସୋନୁ ନିଗମଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ଡେରାବିଶ ବ୍ଲକରେ ରାଜନେତା ଓ ସମାଜସେବୀଙ୍କ ମଧ୍ୟରେ ହାତାହାତି

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ଜଣେ ରାଜନେତା ଓ ଅନ୍ୟ ଜଣେ ସମାଜସେବୀଙ୍କ ମଧ୍ୟରେ ଶୁକ୍ରବାର ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ପରିସ୍ଥିତି ଏପରି ହୋଇଥିଲା ଯେ ଉଭୟ ଉଭୟଙ୍କୁ ଅତ୍ୟନ୍ତ ଅଶ୍ଳୀଳ ଭାଷା ପ୍ରୟୋଗ କରିବାକୁ ମଧ୍ୟ ପଛାଇ ନଥିଲେ । ସମାଜସେବୀ ଅଜୟ ରାଉତ ୨୦୨୪ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳରୁ ଟିକେଟ ପାଇବାକୁ ଆଶାୟୀ ଥିଲେ । ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜ ସାହୁ ମଧ୍ୟ ସେହି ଦଳରୁ ଟିକେଟ ଆଶାୟୀ ଥିଲେ । ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସରୋଜଙ୍କର ଦବ୍‌ଦବା ରହିଛି । ସମାଜସେବୀ ଶ୍ରୀ ରାଉତ ତୃତୀୟ ମହଲା ସହିତ ଯୋଗାଯୋଗ କରି ଟିକେଟ ଫାଇନାଲ କରିଥିବା ସରୋଜଙ୍କୁ କହିଥିଲେ । ନିର୍ବାଚନ ସମୟରେ ସାଂଗଠନିକ କାର୍ଯ୍ୟ ଜରିଆରେ ସରୋଜ ଭୋଟ କରେଇଦବା ପାଇଁ ଅଜୟଙ୍କୁ ପ୍ରତିଶୃତି ଦେଇଥିଲେ । ଏହାବଦଳରେ ଅଜୟ ସରୋଜଙ୍କୁ ୧୨ଲକ୍ଷ ଟଙ୍କା ଦେଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ରାଜନୈତିକ ପାଣିପାଗ ବଦଳି ଯାଇଥିଲା । ଅଜୟ ଟିକେଟ ପାଇବାରୁ ବଞ୍ଚିତ ହୋଇଥିଲେ । ସରୋଜ ବିଜେପିକୁ ଡେଇଁ ପଡିଥିଲେ । ନିର୍ବାଚନ ଶେଷ ହେବା ପରେ ଅଜୟ ସରୋଜଙ୍କୁ ୧୨ଲକ୍ଷ ଟଙ୍କା ଫେରାଇ ଦେବା ପାଇଁ ବହୁବାର କହିଥିଲେ । କିନ୍ତୁ ସରୋଜ ଉତ୍ତର ରଖିଥିଲେ ଯେ ଟଙ୍କା ସେ ନେଇ ନାହାନ୍ତି ବୋଲି । ଶୁକ୍ରବାର ଡେରାବିଶ ପଞ୍ଚାୟତ ସମିତିର ଅଧିବେଶନ ଥିଲା । ଏଥିରେ ପଞ୍ଚାୟତ ସମିତି ସଭ୍ୟ ଭାବେ ସରୋଜ ଯୋଗଦେଇଥିଲେ । ଖବର ପାଇ ଅଜୟ ଡେରାବିଶ ବ୍ଲକକୁ



ଯାଇଥିଲେ । ବୈଠକ ଶେଷ ହେବା ପରେ ବ୍ଲକ ହତାରେ ସରୋଜ ଓ ଅଜୟ ଭେଟା ଭେଟି ହୋଇଯାଇଥିଲେ । ଫଳରେ ଅଜୟ ସରୋଜଙ୍କୁ ସେ ଦେଇଥିବା ୧୨ଲକ୍ଷ ଟଙ୍କା ଫେରାଇ ଦେବାକୁ କହିଥିଲେ । ଏହି ସମୟରେ ସରୋଜ ଅଜୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଫଳରେ ଉଭୟଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା । ଘଟଣାସ୍ଥଳରେ ଉପସ୍ଥିତ ଥିବା କେତେକ ଗଣମାଧ୍ୟମ ପ୍ରତିନିଧି ଉଭୟଙ୍କୁ ବୁଝାଶୁଝା କରିଥିଲେ । କିନ୍ତୁ ଉଭୟ ସଦର ଥାନାରେ ଏତଲା ଦେଇଛନ୍ତି । ଉଭୟ ଏତଲାକୁ ଭିତ୍ତିକରି ସଦର ଥାନା ପୋଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ବିମଳ ମଲ୍ଲିକ ସୂଚନା ଦେଇଛନ୍ତି । ଏହି ରୋଚକ ଘଟଣାକୁ ନେଇ ସମଗ୍ର ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟି ହୋଇଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities

TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray